ମାସିକ ଇ-ପତ୍ରିକା

# ଆମ କବିତା

ପ୍ରଥମ ବର୍ଷ । ଏକାଦଶ ସଂଖ୍ୟା । ନଭେମ୍ବର ୨୦୨୨





# ଆମ କବିତା


**ମାର୍ଗଦର୍ଶକ**
ଡ. ପ୍ରମୋଦ ଚନ୍ଦ୍ର ଦାଶ

**ଉପଦେଷ୍ଟା ମଣ୍ଡଳୀ**
ବିଭୁପ୍ରସାଦ ହରିଚନ୍ଦନ
ଡ. ରଶ୍ମୀରଞ୍ଜନ ନାଥ
ନିଶିକାନ୍ତ କହଲସିଂହ

**ସମ୍ପାଦକ**
ସମରଜିତ ପଟ୍ଟନାୟକ

**ସହଯୋଗୀ ସମ୍ପାଦକ ମଣ୍ଡଳୀ**
ବାବାଜୀ ଜେନା
ତ୍ରିଲୋଚନ ଦାସ
ରଶ୍ମିତା ନାୟକ
ବାସନ୍ତୀ ଦେଈ

**ପ୍ରଚ୍ଛଦ ଓ ଅଙ୍ଗସଜ୍ଜା**
ରାଜୀବ ରଥ
ପ୍ରୀତମ ବଳିୟାରସିଂହ




ସମୁଦ୍ର ମନ୍ଥନ......
ଏପଟେ ଦୈତ୍ୟ...... ସେପଟେ ଦେବତା......
ମନ୍ଥନରୁ ବାହାରିଛି ଉଭୟ ଅମୃତ ଓ ବିଷ....
ପ୍ରତ୍ୟେକ ମନ୍ଥନର ଶେଷ ଉତ୍ପାଦ....
ବିଷ.....ନହେଲେ ଅମୃତ......
ନହେଲେ ଦୁଇଟା ଯାକ....
ହେତୁବାଦୀ .......ପରଂପରା ବାଦୀ.......
ମନ୍ଥନରେ ମିଡ଼ିଆ ନାରଦବାଦୀ......
ଉଭୟେ ନିଜକୁ ଦୈତ୍ୟ ବୋଲି
ମାନିବାକୁ ପ୍ରସ୍ତୁତ ନୁହନ୍ତି......
ମନେହୁଏ ଉଭୟେ ବିଶ୍ୱାସର ପରିପନ୍ଥୀ......
ଜଣଙ୍କର ଆୟୁଧ ବିଶ୍ୱାସ.....
ଆଉ ଜଣଙ୍କର ଅନ୍ଧ ବିଶ୍ୱାସ......
କେବଳ ସମୟକୁ ଅପେକ୍ଷା.....
ଏ ମନ୍ଥନରୁ କ'ଣ ବାହାରିବାକୁ ଅଛି.....
ବିଷ.....ନା ଅମୃତ........

ସମରଜିତ ପଟ୍ଟନାୟକ


ଆମରି ସତ୍ୟ
ଏମ-୧/୫, ମୁକୁନ୍ଦପ୍ରସାଦ ହାଉସିଂ ବୋର୍ଡ କଲୋନୀ, ପୋଷ୍ଟ : ପି ଏନ କଲେଜ, ଖୋର୍ଦ୍ଧା - ୭୫୨୦୫୭, ଓଡିଶା
ଯୋଗାଯୋଗ : ୯୪୩୭୨୮୧୬୫୫, email : amarisatya@gmail.com

| କ୍ର.ସଂ. | କବିତା | କବି/କବୟିତ୍ରୀ | ପୃଷ୍ଠା |
|---|---|---|---|
| ୧. | ପ୍ରେମ -ବିରହ | ଯମେଶ୍ୱର କହଲସିଂହ | ୫ |
| ୨ . | ଉଦାସ  ମେଘର  ଛାଇ | ପୂର୍ଣ୍ଣ ଦାସ | ୬ |
| ୩. | ସ୍ମୃତି ତମେ... | ରମେଶ ମଙ୍ଗରାଜ | ୬ |
| ୪. | ଦୁଃଖ | ନିଶିକାନ୍ତ କହଲସିଂହ | ୭ |
| ୫. | ପାଷାଣୀ ପ୍ରତିମା | ଆଶୁତୋଷ ମେହେର | ୮ |
| ୬. | ଏଡ଼ିକି ଫୁଲେଇ | ଦିବାକର ନାୟକ | ୮ |
| ୭. | ସେହି ବଉଳ ଗଛର ତଳେ... | ସୁକାନ୍ତି ମିଶ୍ର | ୯ |
| ୮. | ଫରକ | ପ୍ରଜ୍ଞା ମହାନ୍ତି | ୯ |
| ୯. | ଦୁଇଟି କବିତା | ବିଭୁପ୍ରସାଦ ମହାପାତ୍ର | ୧୦ |
| ୧୦. | ସ୍ୱପ୍ନ ଭାଙ୍ଗି ଗଲା | ନିରୁପମା ପାଣି | ୧୧ |
| ୧୧. | ସଞ୍ଜ | ରବୀନ୍ଦ୍ରନାଥ ପଟ୍ଟନାୟକ | ୧୧ |
| ୧୨. | କାଳେ କେହି ଜାଣିଯିବେ | ଡ. ରଜତ କୁମାର ଷଡଙ୍ଗୀ | ୧୨ |
| ୧୩. | ଶୂନ୍ୟ ଦେହୀ | ସାରଙ୍ଗଧର ଷଡ଼ଙ୍ଗୀ | ୧୩ |
| ୧୪. | ସ୍ୱପ୍ନ | ଜୟନ୍ତୀ ସ୍ୱାଇଁ | ୧୩ |
| ୧୫. | ଶ୍ୱେତାଙ୍ଗୀ ଶରତ | ସ୍ମୃତି ରଞ୍ଜନ ପାତ୍ର | ୧୪ |
| ୧୬. | ପାପ | ରାଜେଶ କୁମାର ମୁଣ୍ଡ | ୧୫ |
| ୧୭. | ଶେଷ ଠିକଣା | ଗାୟତ୍ରୀ ବେହୁରା | ୧୫ |
| ୧୮. | ଯା ଦେବୀ ସର୍ବେଭୂତେସୁ | ଛବିରାଣୀ ପତି | ୧୬ |
| ୧୯. | ଧୋ ରେ ବାଇଆ ଧୋ | ସୁମିତା ବେହେରା ବାପି | ୧୭ |
| ୨୦. | ତତେ ଭଲପାଏ ବୋଲି | ଅନିତା ପଣ୍ଡା | ୧୭ |
| ୨୧. | ଗଳ୍ପ | ଶୈଳେନ୍ଦ୍ର ନାରାୟଣ ବେହେରା | ୧୮ |
| ୨୨. | କି କହିବି ସଖୀ | ବିନୟ ମିଶ୍ର | ୧୯ |
| ୨୩. | ନିଃଶବ୍ଦ ସ୍ୱର | ଡ଼ ଆରତୀ ପଟ୍ଟଯୋଷୀ | ୧୯ |
| ୨୪. | ଜହ୍ନ ଓ ମନ | ଡା:  ବିଧୁତ୍ ଶେଖର ମିଶ୍ର | ୨୦ |
| ୨୫. | ତୁମେ ମାଟି ମୁଁ ଆକାଶ | ଅଭିଷେକ ମହାରଣା | ୨୦ |
| ୨୬. | ରଙ୍ଗମଞ୍ଚ | ଶ୍ରୀମତୀ ମିନତୀ ମିଶ୍ର | ୨୧ |
| ୨୭. | ଟିକିଏ ଭାବନ୍ତୁ | ବିଭୁପ୍ରସାଦ ହରିଚନ୍ଦନ | ୨୧ |

AMARISATYA ଆମରି ସତ୍ୟ Estd.: 2006 ODISHA

# ଆମ କବିତା

ନଭେମ୍ବର
୨୦୨୨


| କ୍ର.ସଂ. | କବିତା | କବି/କବୟିତ୍ରୀ | ପୃଷ୍ଠା |
|---|---|---|---|
| ୨୮. | ଜାଗିଉଠ ପାଇକ | ପ୍ରସନ୍ନ ମଣ୍ଡଳ | ୨୨ |
| ୨୯. | ଭୀରୁ ନୁହଁନ୍ତି ପୁରୁ | ଜ୍ୟୋତିପ୍ରଭା ପଟ୍ଟନାୟକ | ୨୩ |
| ୩୦. | ଶୁଭ ଦୀପାବଳି | ପୁଷ୍ପାଞ୍ଜଳି ପଣ୍ଡା | ୨୪ |
| ୩୧. | ପ୍ରତୀକ୍ଷା..... | ଅଂଜଳି ଦାସ | ୨୪ |
| ୩୨. | ବାପା | ରମେଶ ଚନ୍ଦ୍ର ମିଶ୍ର | ୨୫ |
| ୩୩. | ଅହେତୁକ | ଆରତି ମଞ୍ଜରୀ ଦାଶ | ୨୬ |
| ୩୪. | ଅତୀତକୁ କାହିଁ ଝୁରୁଛୁ | ବସନ୍ତ କୁମାର ସାହୁ | ୨୭ |
| ୩୫. | ଶରତ | ଦେବଯାନୀ ରାୟ | ୨୮ |
| ୩୬. | ଉତ୍କଳ ସୁକନ୍ୟା | ନଳିନୀ ପ୍ରଭା ଦାସ | ୨୯ |
| ୩୭. | ଲୌହ ପୁରୁଷଙ୍କ ଜୟନ୍ତୀ | ରୋଜାଲିନ ପଟ୍ଟନାୟକ | ୩୦ |
| ୩୮. | ମହା କାର୍ତ୍ତିକ | ସୂର୍ଯ୍ୟକାନ୍ତି ଦାଶ | ୩୧ |
| ୩୯. | ପକ୍ଷୀଠାରୁ କିଛି ଶିଖ | ସନ୍ତୋଷ କୁମାର ପଣ୍ଡା | ୩୨ |
| ୪୦. | ସମ୍ପର୍କ ଓ ପରିବାର | ବାସନ୍ତୀ ଦେଈ | ୩୩ |
| ୪୧. | ଆହେ ଚକ୍ରଧାରୀ..... | ତ୍ରିଲୋଚନ ଦାସ | ୩୪ |


## ବିଶେଷ ସୂଚନା

ସମ୍ମାନୀୟ କବି ଓ କବୟତ୍ରୀମାନଙ୍କୁ ବିନମ୍ର ଅନୁରୋଧ, 'ଆମ କବିତା'ର ପରବର୍ତ୍ତୀ ମାସିକ ସଂକଳନ ପାଇଁ ଆପଣମାନେ କବିତା ୱାଟସଆପରେ ପଠାଇବା ସହିତ 'ଆମରି ସତ୍ୟ'ର ୟୁଟ୍ୟୁବ ଚାନେଲ ପାଇଁ ନିଜସ୍ୱ ମୁଖରେ କବିତା ପାଠର ଭିଡିଓ କରି ଆମର ଟେଲିଗ୍ରାମ(୯୪୩୭୨୮୧୬୫୫)ରେ ପଠାଇବା ପାଇଁ ଚେଷ୍ଟା କରନ୍ତୁ । ଉକ୍ତ ଭିଡିଓରେ ଯଦି କିଛି ତ୍ରୁଟି ଥାଏ ତା'କୁ ଆପଣଙ୍କ ଅନୁମତିରେ ସମ୍ପାଦନ କରାଯିବ ।

# ପ୍ରେମ-ବିରହ

ଯମେଶ୍ୱର କହଲସିଂହ



- : ପ୍ରେମ : -

ପ୍ରେମ ବୁଝେନାହିଁ
ରୂପ କି ବୟସ
ମାନେନା ବନ୍ଧନ ବାଧା,
ପ୍ରେମ ଛୁଇଁନାହିଁ
ଜୀବନକୁ ଯା'ର....
ପ୍ରେମିକା ଅଧରେ
ମିଶିନି ଅଧର.....
ପାଇନି ସେନେହ ଶ୍ରଦ୍ଧା,
ଏଇ ବସୁଧାରେ
ଚଲାପଥ ଧାରେ
ବାଟ ଚାଲିଛି ସେ ଅଧା ।

- : ବିରହ : -

ତୁମଠାରୁ ସଖୀ
ଦୂରେ ବହୁଦୂରେ
ତୁମେ ମୋ' ଜୀବନ ଜ୍ୟୋତି,
ସଦ୍ୟସ୍ନାତା ତୁମ
ରୂପ ଯଉବନ
ମାନ ଅଭିମାନ
ଆଜି ମୋ' ଅଭୁଲା ସ୍ମୃତି.....
ଅସରା ମୋ' ଦିନରାତି......
ତୁମ ଛାତିତଳ
ତାତିକୁ ବିରହେ
ଏବେ ବି ଖୋଜୁଛି ନିତି....।

ଲୋକିପୁର, ଗଡ଼ମାଣତୀର, ଖୋର୍ଦ୍ଧା

# ଉଦାସ ମେଘର ଛାଇ



## ପୂର୍ଣ୍ଣ ଦାସ

ତୁମ ବିରହର ଅଶୋକବନେ, ମୁଁ
ଚିର ବନ୍ଦିନୀ ସୀତା,
ନଥିଲେ ବି ସୀତାରାମ, ରାମାୟଣ
ଘୋଷୁଥିବ ଆମ କଥା ।

ନିଶି ନିରିଜନ ଝରା ବରଷା, ମୁଁ
ତମେ ରୁକ୍ଷ ଖରାବେଳ,
ପିପାସା ଆକୁଳ ହୃଦୟରେ ତୁମ
ମୁଁ ଗୋ ତୃଷ୍ଣାର ଜଳ ।

ମୁଁ ଗୋ ପରଦେଶୀ ମେଘର କବିତା
ମନ ଆକାଶରେ ଭାସେ,
କଜଳ କଳାରେ ରୂପ ଆଙ୍କି ତମ
ଚୁମାରେ ଲିଭାଇ ହସେ ।

ତମେ ଗପୁଥିଲେ, ଚାନ୍ଦରେ ଚାହିଁ, ମୁଁ
ରହିଥାଏ କାନ ଡେରି ,
ତମ ଅନୁରାଗ ଅଭିମାନ ତୋଳେ
ଶ୍ରୁତିରେ ମୋ' ରାମକେରୀ ।

ଶ୍ରୁତି ହୁଅ ଅବା ସ୍ମୃତି ହୁଅ ତମେ
ମୁଁ ଶୀତ ସୋରିଷ କ୍ଷେତ,
ତମେ ମୋ' ନାଉରୀ, ତମ ଗାଁ ନଈ,ମୁଁ
ଶୁଣୁଥାଏ ତମ ଗୀତ ।

କଣ୍ଟାବଣିଆ, ଛତ୍ରପଡ଼ା,
ପ୍ରୀତିପୁର, ଯାଜପୁର

# ସ୍ମୃତି ତମେ...



## ରମେଶ ମଙ୍ଗରାଜ

ସ୍ମୃତି ତମେ ଫୁଲ ଫଗୁଣର ହସ
ସ୍ମୃତି ତମେ ଶ୍ରାବଣେ କଦମ୍ବ ବାସ
ସ୍ମୃତିକୁ ସ୍ମୃତିରେ ଯେତେ ପଖାଳିଲେ
ମେଣ୍ଟେନାହିଁ ଅବସୋସ ।।୦।।

ସ୍ମୃତି ତମ ସହ ମଧୁର ଆଳାପେ
କଟିଯାଏ ଖରାବେଳ
ତମେ ଜଳିଥାଅ ବିରହ ଜ୍ୱାଳାରେ
ସେ ନିଆଁରେ ମୋତେ ଜାଳ
ତମେ ଲାଗ ପୁଣି ହେମନ୍ତ କାକର
ଶୀତ ପଉଷର ମାସ ।।୧।।
ସ୍ମୃତି ତମେ.....

ତମେ ଦେଇଥାଅ ପ୍ରୀତିର ସ୍ପନ୍ଦନ
ସୁଖେ ବଞ୍ଚିବାର ରାହା
ତମ ପାଇଁ ସ୍ମୃତି ପୁରୁଣା ଦିନଟା
ମୋ' ପାଇଁକି ଲାଗେ ନୂଆ
ସ୍ମୃତି ତମେ ମୋର ଉଜୁଡ଼ା କ୍ଷେତର
ହରିତ୍ ବରଣ ଦୃଶ୍ୟ ।।୨।।
ସ୍ମୃତି ତମେ.....

କବି ଓ କବିତା ଭବନ
ମହୁଲ, ଅଙ୍ଗାରପଡ଼ା, ଖୋର୍ଦ୍ଧା



# ଦୁଃଖ

**ନିଶିକାନ୍ତ କହଲସିଂହ**

ଭାରି ଚୁଲବୁଲି ଆଉ
ଭାରି ଅମାନିଆ.......,
କାହା କଥା ଶୁଣେନାହିଁ
କା' ଇଶାରା ମାନେନାହିଁ
ଦୁଃଖ ଭାରି ଦୁଷ୍ଟ ଏକ
ଅଲାଜୁକୀ କୁଆଁରୀ କନିଆ ।।

ଆସିବାକୁ ଚାହିଁଲେ ସେ
ଅବଶ୍ୟ ଆସିବ
କିଏ ଡାକ କି ନଡାକ
ଲୋଡ଼ିବନି କାହା ନିମନ୍ତ୍ରଣ,
ଖୋଦ୍ ଦାଣ୍ଡମଝିଟାରେ
ମହୁଆ ଓଠର ଧାରେ
ତୁମ ଗାଲେ ଆଙ୍କିଦେବ
ଲୋହିତ ଚୁମ୍ବନ.........।।

ନାହିଁ ନାହିଁ କରୁକରୁ
ବାରଣର ସୀମା ଡେଇଁ
ଘରଟାରେ ପଶି ସାରିଥିବ,
ତୁମେ ଚାହଁ କି ନଚାହଁ
ପାଦରେ ଘୁଙ୍ଗୁର ମାଳ ଅବଶ୍ୟ ବାନ୍ଧିବ ।
ଝମ୍ ଝମ୍ ନାଚିଯିବ
ଅଗଣାରେ ପଗଲ୍ଭାଙ୍କ ପରି,
ମନାକଲେ ମାନିବନି
କିଏ ବା କହିବ ତାକୁ
କଥା ତା'ର ଶାଣଦିଆ ଛୁରୀ ।।

ଡାଆଣୀ ଆଖିରେ ତା'ର
ବାରିହୁଏ ନିଆରା ଚାହାଣି,
ଅଳ୍ପ କଥାରେ ସିଏ
କହିଯାଏ ଅନେକ କାହାଣୀ....।
"ମୁଁ ନଥିଲେ ସୁଖ ନାହିଁ
ମୁଁ ସୃଷ୍ଟିରେ ଦ୍ୱିତୀୟ ଈଶ୍ୱର,
ଦୁନିଆରେ ମଣିଷକୁ
କଷିକଷାଇବା ପାଇଁ
ସାଜିଛି ମୁଁ କଷଟି ପଥର
ଏଇ ମାତ୍ର ପରିଚୟ ମୋ'ର.....।।

**ଲୋକିପୁର, ଗଡ଼ମାଣତୀର, ଖୋର୍ଦ୍ଧା**

## ପାଷାଣୀ ପ୍ରତିମା



ଆଶୁତୋଷ ମେହେର

ପାଷାଣୀ ପ୍ରତିମା ଯୌବନ ଉଛୁଳା
ବିଧାଣିର ହାତ ଲେଖା,
ହସହସ ମୁହେଁ ହାତଠାରି ଡାକେ
ମନ୍ଦିର ବେଢାରେ ଦେଖା......।।୦।।

କାମିନୀ କାଞ୍ଚନ ଭରା ଯଉବନ
ପୁରିଲା ପୁରିଲା ଦେହ,
ଜଳି ଜଳାଏ ସେ ଦୁନିଆଁ ଆଗରେ
ମନ ତଳେ ଥିବା କୋହ,
ଶୃଙ୍ଗାର ରସରେ ଉବୁଟୁବୁ କରେ
ହୃଦୟ ବିହୀନା କିବା.....?।।୧।।

ଆଖି ଇସାରାରେ ଭରି ଦେଉଥାଏ
ମନରେ ଅପୁରା ରାସ,
ଅଙ୍ଗଭଙ୍ଗୀ ନାଚେ ପ୍ରେମଭରା ଠାଣି
କାମନା ଜାଳିବା ବାସ,
ନିଜ ପାଖେ ନାହିଁ ପର ହୃଦୟରେ
ଭରି ଦେଇ କେତେ ଆଶା.....।।୨।।

୫୪, ଆର୍ଯ୍ୟପଲ୍ଲୀ
କିଟ୍ ଛକ, ପଟିଆ, ଭୁବନେଶ୍ୱର

## ଏଡ଼ିକି ଫୁଲେଇ



ଦିବାକର ନାୟକ

ସୂରୁଯକୁ ଟିକେ ଜୋଛନା ମାଗିଲେ
ହୁଏତ ଜହ୍ନଠୁ ଆଣନ୍ତା ମାଗି
ତୋତେ ଖାଲି ତୋର ମନଟା ମାଗିଲେ
ଚାଲିଯାଉ କିଆଁ ବାଟ ତୁ' ଭାଙ୍ଗି (୦)

ପର ଦରବରେ ଲୋଭ କରିବିନି
ତୁ' କାହାର ଯଦି ଯାଇଛୁ ହୋଇ
ହେଲେ ଯା' ଉପରେ ଆଖି ଲାଖିଯାଏ
ହୃଦୟ ଇଶାରା ପାଇବା ପାଇଁ

ନଦୀକୁ କହିଲେ ଅଟକି ଯାଆନ୍ତା
ଅଳପ ସମୟ ମୋ' ପ୍ରେମ ଲାଗି..
ତୋତେ ଖାଲି ତୋର ମନଟା ମାଗିଲେ
ଚାଲିଯାଉ କିଆଁ ବାଟ ତୁ' ଭାଙ୍ଗି (୧)

ମୋ' ଆବେଗ ଦେଖି ବଇଶାଖରେ ବି
ଅଦିନେ ବରଷା ଯାଆନ୍ତା ଝରି
କଳା ପାଷାଣ ବି ହେଲେ ତୋ' ହୃଦୟ
ଶିଳ୍ପୀ ସାଜି ତୋତେ ଗଢିବି ପରୀ

ତୋ' ନୀରବତାକୁ ଅଙ୍ଗୀକାର ବୋଲି
ପ୍ରେମ ଅନ୍ଧ ମୁଁ ଯେ ନେଇଛି ଭାବି..
ତୋତେ ଖାଲି ତୋର ମନଟା ମାଗିଲେ
ଚାଲିଯାଉ କିଆଁ ବାଟ ତୁ' ଭାଙ୍ଗି (୨)

ପାଟପୁର, କନିସି,
ଗୋଳନ୍ଥରା, ଗଞ୍ଜାମ

# ସେହି ବଉଳ ଗଛର ତଳେ...



**ସୁକାନ୍ତି ମିଶ୍ର**

ସେହି ବଉଳଗଛର ମୂଳେ
ଗୁନ୍ଥିଥିଲେ ଯେଉଁ ଗପର ଗଜରା
ମହମହ ବାସି ଝରେ......

ସେହି ଛାଇଛାଇ ସଞ୍ଜବେଳେ
ଦେଇଥିଲ ଯେଉଁ ଲାଜର ଗହଣା
ଜହ୍ନ ହୋଇ ଆଜି ଜାଳେ.....

ସେହି ନିଛାଟିଆ ନଇକୂଳେ
ତୋଳିଥିଲେ ଯେଉଁ ବାଲିଘର ଦିନେ
ଡାକିନିଏ ପଠାଧାରେ.....

ସେହି ଗାଆଁମୁଣ୍ଡ ଦେଉଳରେ
ତୁମ ପ୍ରୀତିବୋଳା ମିଠା ଅନୁରାଗ
ଦୀପ ହୋଇ ଆଜି ଜଳେ......

"ସମ୍ପର୍କ "
ସାରସ୍ୱତ ନଗର, ସିଦ୍ଧମହାବୀର, ପୁରୀ

# ଫରକ



**ପ୍ରଜ୍ଞା ମହାନ୍ତି**

ମୁଁ ଏକ ସଂସାରଛଡା ବାସିଫୁଲ
ତମେ କାରୁକାର୍ଯ୍ୟ ଗମଲାରେ ଫୁଟିଥିବା
ପ୍ରଥମ ଫୁଲକଢି
ମୁଁ ବୈଶାଖର ଧୁଧୁ ଖରା
ତମେ ଶ୍ରାବଣର ପହିଲି ନଇବଢି।
ମୁଁ ଏକ ଅମାବାସ୍ୟା ତାରା
ତମେ ପୂର୍ଣ୍ଣମୀର ଉଜ୍ଜ୍ୱଳ ଫୁଲଝଡି
ମୁଁ ଏକ ନିସ୍ତବ୍ଧ ଶୁନଶାନ୍ ରାତି
ତମେ ରାତିର ମୌନ ଭାଂଗୁଥିବା
ଶବ୍ଦାୟୀତ ରୁଣୁଝୁଣୁ ଚୁଡି।
ତମେ ମେଘମୁକ୍ତ ଆକାଶରେ
ଇନ୍ଦ୍ରଧନୁ ସମ
ବର୍ଣ୍ଣାନ୍ଧ ମୁଁ କଳାଧଳା ମୋ' ଜୀବନଶୈଳୀ
ତମେ ପ୍ରାପ୍ତିର ଶେଷ ସୀମା ଛୁଇଁ,
ଅପ୍ରାପ୍ତିକୁ ପାରୁଛ ଓଗାଳି
ପ୍ରାପ୍ତି ମୋର ଶବ୍ଦକୋଷେ ନାହିଁ
ଅପ୍ରାପ୍ତି ହିଁ ମୋର ଗଳାମାଳୀ।

ମାତୃ ନିବାସ,
ମାତୃବିହାର, ବୁଢ଼ାରାଜା, ସମ୍ବଲପୁର

# ଦୁଇଟି କବିତା

ବିଭୁପ୍ରସାଦ ମହାପାତ୍ର

## ବନ୍ୟା ପୂର୍ବ

ଜନତା-ଘଡିକି ଘଡି
ନଦୀବନ୍ଧ ଆଡେ ବୁଲିଆସେ
ଛାତିରେ ଛନକା ପଶେ
flood tourism ନୁହଁ
antlophobia.
ନେତା-ଯୋଉ ଜଳୁ
ମାଛ କଇଁଛ ହୋଇ ଉବୁରି ଆସିଥିଲ
ଆଉ ବରାହ ହୋଇ
ଟେକି ଧରନା ଏ ଜଳମୟ ଧରା
ଆମେ ପଟିମାରି
ପକେଟ୍ ଗରମ କରିସାରୁ
ଚାହିଁଥାନ୍ତୁ ଜନତା ଭକୁଆ ।

## ବନ୍ୟା

ନେତା-ଦେଶ ଦଶ ସର୍ବନାଶ
ଆମର ପଉଷ ମାସ
ଲୁଟିନେବା ସଂଚିଦେବା
ପୁଣି ହେବା ନିର୍ବାଚନ ବୈତରଣୀ ପାର ।
ଜନତା-ସବର୍ଣ୍ଣ ବା ଅସବର୍ଣ୍ଣ
ଅଧମର୍ଣ୍ଣ ଉତ୍ତମର୍ଣ୍ଣ
ସବୁ ଆଜି ବନ୍ୟା ଆଶ୍ରୟସ୍ଥଳୀରେ ପୂର୍ଣ୍ଣ
ହେ ଈଶ୍ବର! ଆମକୁ ବିପନ୍ନ କର ।

ଭୋଗଡା, ବାଘମାରୀ,ଖୋର୍ଦ୍ଧା

# ସ୍ୱପ୍ନ ଭାଙ୍ଗି ଗଲା

## ନିରୁପମା ପାଣି

ଲେଖୁଲେଖୁ ଆଜି ଲେଖିଦେଲି ସତେ
ମନର ଅକୁହା କଥା
ଭଲ ପାଇ ତତେ ଖୁସି ମିଳିଲାନି
ବଢ଼ିଲା ମନର ବ୍ୟଥା ।।

ହସ ବଦଳରେ ଲୁହରେ ଭିଜୁଛି
ମନେ ମନେ ତୋତେ ଭାବି
ଶେଷ ଲେଖା ଆଜି ଲେଖିଦେଲି ବନ୍ଧୁ
ଭାବେ ତୋତେ ଭୁଲିଯିବି !!

ଜାଣିବି ଅଜଣା ହେଲୁ ବାଟବଣା
ଆଉ ଦିନେ କହିବିନି
ଅଭିନୟ ଆଉ ପାରିବିନି କରି
ଆଜିଠୁ ଥାଆ ତୁ ଜାଣି !!

ମିଛ ଆଶ୍ୱାସନା ମିଛ ପ୍ରରୋଚନା
ହୃଦୟକୁ କଲା କ୍ଷତ
ଆଶା ରହିଗଲା ଆଶାରେ ମୋ ସାଥୀ
କହିଦେଲି ବୋଲି ସତ!!

ମାଗି ମୁଁ ନଥିଲି ତୋ ବାସର ଶେଯ
ସାତ ଦୀପ ବେଦି ନିଆଁ
ଥରେ ମାଗିଥିଲି ଜୀବନେ ତୋ ଠାରୁ
ତୋ ଓଠର ମିଠା ଛୁଆଁ !!

ଗରମ ନିଃଶ୍ୱାସ ନରମ ଛୁଆଁରେ
ହଜିବାକୁ ଇଛା ଥିଲା
ଆଶା ରହିଗଲା ଆଶାରେ ଆଶାରେ
ସବୁ ସ୍ୱପ୍ନ ଭାଙ୍ଗି ଗଲା !!

ଚାନ୍ଦବାଲି, ଭଦ୍ରକ

# ସଞ୍ଜ

## ରବୀନ୍ଦ୍ରନାଥ ପଟ୍ଟନାୟକ

ଏଇ ଦେଖ
ସୂର୍ଯ୍ୟ ବୁଡି ଗଲେଣି
ପଶ୍ଚିମ ଆକାଶ
ଲାଲ ଦିଶିଲାଣି
ଦୂର ଦିଗ୍ ବଳୟରେ
ସମୁଦ୍ରର ଛାତି ଓ
ନୀଳ ଆକାଶ ମଝିରେ
ପକ୍ଷୀଙ୍କ ନୀଡ-ବାହୁଡା
ପ୍ରକୃତିର ଏତେ ସବୁ
ନିଖୁଣ ଚିତ୍ର ଭିତରେ
ମୁଁ ହଜିଯାଏ
କେବେ କେମିତି
ତୁମ ମୁହଁକୁ ମନେପକେଇ
ଅଳସ ଭାଙ୍ଗେ ବିଛଣାରେ
ଭାବେ,
ଅବସର ଜୀବନର ସୂର୍ଯ୍ୟାସ୍ତ
ଥମି ଯାଆନ୍ତା କି!

ପୁରୀ

# କାଳେ କେହି ଜାଣିଯିବେ

ଡ. ରଜତ କୁମାର ଷଡଙ୍ଗୀ

କାଳେ କେହି ଜାଣିଯିବେ
ଏବେ ସ୍ୱପ୍ନ ସବୁ ବାଟ ଭାଂଗି
ନିଜ ରାସ୍ତାରେ,
କେହି କେହି ଘରମୁହାଁ
ପହଂଚିଗଲେଣି ଅଜଣା ରାଜ୍ୟରେ ।।

କାଳେ କେହି ଜାଣିଯିବେ
ଏବେ ଘରମୁହାଁ ସ୍ୱପ୍ନ ସବୁ
ଚୁପ୍ ଚାପ୍ ଚାଲିଛନ୍ତି
କିଛି ଅତିଥି ବି ସାଂଗରେ ସାଂଗରେ
ବିନା ଗପସପ ବିନା ଆଲୁଅରେ ।।

କାଳେ କେହି ଜାଣିଯିବେ
ଅଜଣା ରାଜ୍ୟରେ ପହଁଚିଥିବା
ସ୍ୱପ୍ନ ମାନେ ନିଜ ନିଜ ଭିତରେ
ବାଣ୍ଟୁଛନ୍ତି ଭାବ
ଶୁନ୍ ଶାନ୍ ନିସ୍ତବ୍ଧତାର ନିଭୃତ କୋଣରେ
ପରଖୁଥାନ୍ତି ନିଜ ଅସ୍ତିତ୍ୱ ଅଭାବ ।।

ଘରମୁହଁ ସ୍ୱପ୍ନସବୁ ଆଶଂକିତ
ହଜି ଯିବାର ଭୟ
ମିଳେଇ ଯିବାର ଡର ସକାଳ ପାଇଲେ
ବ୍ୟାପିଯିବ ଆଲୋକ ପସରା
ସୂର୍ଯ୍ୟ ଉଇଁଲେ ।।

ଅଜଣା ରାଜ୍ୟରେ
ପହଁଚିଥିବା ସ୍ୱପ୍ନ ସବୁ ଦୋ ଛକିରେ
କାଳେ ଆଶ୍ରା ମିଳିଯିବ
ସଫଳତାର ରାସ୍ତାରେ
ବଢ଼ିଥିବା ଗୋଡ ଆଗକୁ ବଢ଼ିବ
ଅବା
ଖାଲଖମା ଡେଇଁ ଡେଇଁ
ଖଣ୍ଡିଆ ଖାବରା ହେବା ସାର ହେବ
କିଂବା
କାଦୁଅ ପଂକରେ ବଢ଼ିଥିବା ଗୋଡ
ତଳକୁ ବୁଡ଼ିବ ।।

କାଳେ କେହି ଜାଣିଯିବେ
ସ୍ୱପ୍ନମାନଙ୍କ ଘରମୁହାଁ ହେବା
ଅବା
ଅଜାଣତରେ ଅଜଣା ରାଜ୍ୟରେ
ପହଁଚିବା,
ସ୍ୱପ୍ନମାନେ ତ୍ରସ୍ତ
ଅସ୍ତିତ୍ୱ ହରାଇବାର ଭୟ
କିଛି ସମୟ ପରେ ଦୁନିଆ ହେବ ଆଲୋକିତ ।।

ତ୍ରସ୍ତ ସ୍ୱପ୍ନ ,ସ୍ୱପ୍ନ ବିବ୍ରତ ;
କାଳେ କେହି ଜାଣିଯିବେ
ବ୍ୟସ୍ତ ସମୟର ଅସ୍ତିତ୍ୱ ସଂକଟ ।।

ବୋରିଗୁମ୍ମା, କୋରାପୁଟ

# ଶୂନ୍ୟ ଦେହୀ

**ସାରଙ୍ଗଧର ଷଡ଼ଙ୍ଗୀ**

ଶୂନ୍ୟ ଦେହି ପ୍ରଭୁ ତୁମେ
ତୁମକୁ ଦେଖି ନ ପାରନ୍ତି କେହି।
ତୁମ ରୁପକୁ କେହି
ବ୍ୟକ୍ତ କରି ପାରନ୍ତି ନାହିଁ।
ହାତ ନାହିଁ.....ଗୋଡ଼ ନାହିଁ.....
ଆଖି ନାହିଁ.......।
ବିରାଜିଅଛ......
ସର୍ବ ଶକ୍ତିମାନ ସର୍ବବ୍ୟାପୀ ହୋଇ।
ତୁମରି ଇଙ୍ଗିତରେ ଚାଲିଛି ସଂସାର,
ବିଶ୍ବାସେ ମିଳନ୍ତି ହରି......
ତର୍କେ ବହୁ ଦୁର.........।
ପ୍ରତି ମୃତ୍ତିକା ଘଟରେ
ବିଜେ କରିଥାଅ,
ସେଥିରୁ ହଜିଗଲେ ....
ଘଟ ଶୂନ୍ୟ ପଡ଼ିଯାଏ ।
ଯେଉଁ ଠାରୁ ଆସିଥାଏ
ତହୁଁ ଫେରିଯାଏ।
ମୁହୂର୍ତ୍ତ ମାତ୍ର କେହି ରଖି ନ ପାରନ୍ତି
ଯେ ଯାହା ବାଟରେ ଯିଏ
ଚାଲି ତ ଯାଆନ୍ତି.........
ମାୟା ସଂସାରୁ ଉଦ୍ଧରିବା ପାଇଁ ।
ସେହି ପଦଯୁଗଳକୁ ମନ ମଧ୍ୟେ ଧାୟି
ସୁକୁମାର ଆତ୍ମାକୁ ଉର୍ଦ୍ଧ୍ୱଗତି କରି,
ଜପ ନିତ୍ୟ ବୃନ୍ଦାବନେ ସେ ରାସବିହାରୀ।

# ସ୍ୱପ୍ନ

**ଜୟନ୍ତୀ ସ୍ୱାଇଁ**

ସ୍ୱପ୍ନ ସବୁ କେଉଁ ଆବାହମାନ କାଳରୁ
ବୁଢ଼ିଆଣୀ ଜାଲ ବିଛାଇଛନ୍ତି
ଏ ମନ ଅଗଣାରେ,
ତା'ର କିଛି ହିସାବ ନାହିଁ...
ଜୀବନର ଜଟିଳତାକୁ
ମାନସାଙ୍କରେ ପରିଣତ କରାଇ
ଜଣା ବାଟକୁ
ଅଜଣା କରାଇବାରେ
ଏମାନଙ୍କର ତିଳେମାତ୍ର ବାଧାନାହିଁ...
ତଥାପି ସ୍ୱପ୍ନକୁ ସଭିଏଁ ଆଦର କରନ୍ତି
କାହିଁକି ନା..ସ୍ୱପ୍ନ ବିନା -
ଜୀବନର ମାନେ କିଛିନାହିଁ...
ରାଜା ଏଠି ସ୍ୱପ୍ନ ଦେଖେ
ଭିକାରୀ ବି ସ୍ୱପ୍ନ ଦେଖେ
ସ୍ୱପ୍ନ ଦେଖେ ଦୁରାରୋଗ୍ୟ ରୋଗୀଟିଏ ମଧ୍ୟ...
ସ୍ୱପ୍ନ...!!!!
ଜଳି ଯାଉଥିବା ହୃଦୟକୁ
କରାଏ ଉପଶମ..
ତେଣୁ ସ୍ୱପ୍ନକୁ କିପରି କହିବା ଯେ
ଦୂରେଇ ଯାଅ ବନ୍ଧୁ
ଆମେ ତ ଚାହୁଁନା କେବେ
ସ୍ୱପ୍ନ ବିନା ଜୀବନ...!!

**ବରାଙ୍ଗ, ଅସ୍ତରଙ୍ଗ, ପୁରୀ**

# ଶ୍ୱେତାଙ୍ଗୀ ଶରତ



ସ୍ମୃତି ରଞ୍ଜନ ପାତ୍ର

ଭାଦ୍ରବର ଭୋଦୁଅ ଖରାରେ ଲହଲହ
ଶରତ ଢେଉଭାଙ୍ଗେ କାଶତଣ୍ଡୀ ଦେହରେ,
ଆକାଶ ନୀଳ ଗାଲିଚାରେ ଭାସମାନ
ବାରିବାହ ଖେଳୁଥାଏ ମୃଦୁ ସମୀରଣରେ।

ନଦୀର ତଟରେ ପଥର ବନ୍ଧରେ ସବୁଠି
ଶରତର ଶ୍ୱେତାଙ୍ଗ ପଦଚିହ୍ନ,
ମୁକ୍ତ ମଣ୍ଡଳର ପ୍ରତିଛବି
ବିଚ୍ଛୁରିତ ହୁଏ ନଦୀର ସ୍ୱଚ୍ଛ ଜଳରେ
ନଳବନରେ ନଳିନୀ ପ୍ରୀତିସିକ୍ତ ହୁଏ ଭଅଁର ଚୁମାରେ....

ଶିଉଳିମଖା ପଥରର ଓଠରେ
ଝରିଝରି ଆସେ ନିର୍ଝରିଣୀ,
ଶାନ୍ତ ଉପବନରେ ଛମ୍ ଛମ୍ ପାଣିର ପାଉଁଜି
ନାଚିଉଠେ ନିର୍ଜନ ବନାନୀର ଅପହଞ୍ଚ ବୁକୁରେ...
ଦିନର ବୟସ ବିତିଯାଏ

ଅସ୍ତଗମନ ରବିଙ୍କ ସିନ୍ଦୂରା ବର୍ଣ୍ଣରେ,
ସଞ୍ଜର ସଳିତା ମହକରେ ପୂରିଉଠେ ଗୋଧୂଳିକାଳ...
ନିର୍ମଳ ରାତିରେ ଜହ୍ନ ଅଳସ ଭାଙ୍ଗେ
କୁମୁଦର ଆଖିରେ,
ଭଣଭଣ ଶେଫାଳି ମହକ ଢାଳିଯାଏ
ମୋ' ବାରିଦୁଆରରେ ।

ଶାରଦୀୟ ଶୋଭାରେ ଚଳଚଞ୍ଚଳ ଏ ଲେଖନୀ
ରଚିଦିଏ ଶବ୍ଦର ଅନେକ ଆବେଗ,
ପାର୍ବଣ ପଟୁଆର ଘେନିଆଣେ ନବୀନ ଉଲ୍ଲାସ
ସକାଳର ସୁନେଲି କିରଣ ଅବା ଗଛଲତାରେ
ପଡିଥିବା ପହିଲି ଶିଶିର ସବୁଆଡେ
ଶରତର କୁଆଁରୀ ପରଷ ।

ବାଲିଘାଟ,
ଗୋପାଳପୁର, ପୁରୀ

# ପାପ



**ରାଜେଶ କୁମାର ମୁଣ୍ଡ**

ପାପ ବୋଲି ତ କେବେ କହିନି
କିନ୍ତୁ ପୁଣ୍ୟ ବୋଲି
ଛୁଇଁ ବି ପାରିନି କେବେ ।
ସେଇ ପାପପୁଣ୍ୟର ଦୋ'ଛକିରେ
ଆଖି୍ ବନ୍ଦ କଲେ ଫେରିଆସେ ରାତି
ଆଖି୍ ଖୋଲିଲେ ସାମ୍ନାରେ
ଛିଡ଼ା ହେଇଥାଏ ଗୋଟିଏ ପାପ ।

ଜୁଇ ପରି ଜଳୁଛି ଛାତି ଭିତରେ
ଦେଖେଇ ହୁଏନି କି
କହି ହୁଏନି କାହାକୁ ।
ଅନ୍ତରରୁ ନିର୍ଗତ
ଧୂଆଁରୁ ହିଁ ବାରି ହୁଏ
ସତେକି ଜୀବନଟା ଗୋଟେ ସରୀସୃପ ।

ଅମାରାତି ଜହ୍ନ ପରି
ଖୋଜେ ପୁଣ୍ୟକୁ ।
ପ୍ରଜାପତି ପରି
କୋଷା ଫିଟେଇ ଉଡ଼ିଯାଏ,
ଯେବେ ବି ନିକଟତର ହୁଏ ।

ଏଇଟା ହିଁ ବୋଧେ
ବିଧି୍ ନିର୍ଦ୍ଧାରିତ ଭାଗ୍ୟ ।
ନିଜକୁ ସାନ୍ତ୍ୱନା ଦେବାକୁ ପଡ଼େ
ପାପ କ'ଣ କମ୍ କି ?
ପୁଣ୍ୟଠାରୁ ବି ପୁଣ୍ୟତମ ସିଏ,
ଯେବେ ବି ମଉକା ଦେଖି୍
ଖୋଲି ଦେଇପାରେ ନର୍କର ଦ୍ୱାର ।

**ପ୍ରଫେସର୍ସ କଲୋନୀ, ଧର୍ମଗଡ଼, କଳାହାଣ୍ଡି**

# ଶେଷ ଠିକଣା



**ଗାୟତ୍ରୀ ବେହୁରା**

ସ୍ରୋତସ୍ୱିନୀ ସ୍ରୋତ କହି କି ପାରଇ
ତାହାର ଶେଷ ଠିକଣା ?
ପଥ କି ଜାଣଇ ପଥିକର ନାମ
ହୁଏ ଯେବେ ବାଟବଣା ?
ଘାଟ ବି ରଖେନା କା'ର ପଦଚିହ୍ନ
ନେବାକୁ ତା'ର ପାଉଣା ।

ପୁଷ୍ପ କି ରଖଇ ଅଳିର ଠିକଣା
କରିଥାଏ ଯେବେ ଭାବ ?
ଗଣିକା କି ଜାଣେ ଗରାଖର ନାମ
ଅବା ପରିବାର ସଙ୍ଗ ?
ମିଥ୍ୟା ନଜାଣଇ ସତ୍ୟ ପରାକାଷ୍ଠା
ନିର୍ମଳ ସଫେଦ ରଙ୍ଗ ।

ପାନ୍ଥଶାଳା କେବେ ଜାଣି କି ପାରଇ
ଆଗନ୍ତୁକଙ୍କର ନାମ ?
ସାଗର କି କେବେ ପଢ଼ିପାରିଥାଏ
ଶାମୁକାର ଅନ୍ତର୍ମନ ?
ନିଶାନାଥ କେବେ ବୁଝି ପାରେନାହିଁ
କଇଁର ଶାଶ୍ୱତ ପ୍ରେମ ।

ସପନ କି କେବେ ଜାଣି ପାରିଥାଏ
ବାସ୍ତବତାର ସ୍ୱରୂପ ?
ମଶାଣି କି କେବେ ହିସାବ କରଇ
କା'ର କେତେ ପୂଣ୍ୟ ପାପ ?
ଅଗ୍ନିର ସ୍ଫୁଲିଙ୍ଗ କରେନାହିଁ କେବେ
କାହା ଜୀବନର ମାପ ।

କଟକ

# ଯା ଦେବୀ ସର୍ବେଭୂତେସୁ



**ଛବିରାଣୀ ପତି**

ଶରତ ଋତୁ ଆଶ୍ୱିନ ମାସର
ଶୁକ୍ଳପକ୍ଷ ପ୍ରତିପଦା
ନବରାତ୍ର କାଳ "ନବଦୁର୍ଗା" ହ୍ୱନ୍ତି
ନବଗୌରୀ ନାମେ ପୂଜା ।

ଗିରିରାଜ ହିମାଳୟ ତପୋବନେ
କନ୍ୟା ରୂପେ ହେଲେ ଉଭା
ପ୍ରଥମ ଦିନରେ "ଶୈଳପୁତ୍ରୀ" ନାମେ
ଦେଖାଇଲେ ନିଜ ପ୍ରଭା ।

ଶାନ୍ତ ସ୍ନିଗ୍ଧ ପୁଣି ବୈରାଗ୍ୟ ବେଶରେ
ଦ୍ୱିତୀୟ ଦିନରେ ମାତ
ଶୁଭ୍ର ତେଜେ "ବ୍ରହ୍ମଚାରିଣୀ" ଅପର୍ଣ୍ଣା
ଧରାବତରଣ ସେତ ।

ତୃତୀୟ ଦିବସେ "ଚୈତ୍ରଘଣ୍ଟା" ନାମେ
ନସ୍ୱର ତନିମା ଦେହି
ଶରତ ର ସ୍ୱଚ୍ଛ ନିର୍ମଳ ଆକାଶେ
ଜୋଛନା ବିତରେ ବିହି ।

ହାତେ କମଣ୍ଡଳୁ ଜପାମାଳି ସାଥେ
ଗଦା , ଚକ୍ର , ଧନୁ ଧରି
ଏ' ନବରାତ୍ର ର ଚତୁର୍ଥ ଦିନେ ମା'
"କୁଷ୍ମାଣ୍ଡ " ନାମ ଆବୋରି ।

ପଞ୍ଚମ ଦିନର ପୁଣ୍ୟ ଅବକାଶେ
ପୂଜା ପାନ୍ତି "ସ୍କନ୍ଦମାତା"
ଶକ୍ତି ସ୍ୱରୂପିଣୀ ଅଟନ୍ତି ସୌମ୍ୟଶ୍ରୀ
କାର୍ତ୍ତିକେୟ ଙ୍କ ଏ ମାତା ।

ନଦୀ ପଠା ତୁଠ ଗହିରି ହୁଡ଼ାରେ
କାଶତଣ୍ଡି ଥାନ୍ତି ଭରା
"କାତ୍ୟାୟନୀ" ରୂପେ ଷଷ୍ଠ ଦିନେ ଦେବୀ
ଓହ୍ଲାଇ ଆସନ୍ତି ଧାରା ।

ଚକ୍ଷୁଦାନ ପାଇ ସପ୍ତମୀରେ ଦୁର୍ଗା
"କାଳରାତ୍ରି" ବେଶ ନେଇ
ଅପୂର୍ବ ସ୍ୱରୂପ ଦେଖି ଭକତଙ୍କ
ଦୁଃଖ ଯାଏ ଦୂର ହୋଇ ।

ମହାଷ୍ଟମୀ ତିଥ୍ୟେ "ମହାଗୌରୀ" ରୂପେ
ଆବିର୍ଭୂତ ଅଷ୍ଟଭୁଜା
ଡ଼ମ୍ବରୁ ତ୍ରିଶୂଳ ଧାରି ଶ୍ୱେତବସ୍ତ୍ରା
ଅଭୟ ପ୍ରଦାନେ ସଦା ।

ଶଙ୍ଖ ଚକ୍ର ଗଦା ପଦ୍ମର ଆୟୁଦ୍ଧେ
ନବରାତ୍ରେ "ସିଦ୍ଧିଦାତ୍ରୀ"
ଉପାସକ ଙ୍କ ର ସକଳ କ୍ଳେଶକୁ
ହରନ୍ତି ଏ କରୁଣାନେତ୍ରୀ ।

ନବ ଦିନାନ୍ତକ ଏହିପରି ମାତ
ତନୁରେ ହୁଅନ୍ତି ଗଢା
ଦିବ୍ୟ ଚେତନାର ସତ୍ତା ତୋଳି ଆଣି
ମା' ବିତରନ୍ତି ସିଂହରୁଢ଼ା ।

**ମଧଶାସନ, ବିରିଡ଼ି, ଜଗତସିଂହପୁର**

# ଧୋ ରେ ବାଇଆ ଧୋ



## ସୁମିତା ବେହେରା ବାପି

ଧୋ ରେ ବାଇଆ ଧୋ
ରଜାଘର ଝିଅ ଦେହ ପଖାଳିବ
ନଈରେ ପ୍ରବଳ ସୁଅ,  ...

ସୁଅରେ ଭାସୁଛି କୁଟା
ତା'ପରେ ବସିଛି ପିମ୍ପୁଡିଟିଏ ଲୋ
କାଠିରେ ଲାଗିଛି ଅଠା ....

ଅଠା ଲାଗିଗଲେ ଥରେ
ଯେତେ ଛଡେଇଲେ ଛାଡ଼ିବ ନାହିଁ ଲୋ
ପ୍ରେମ ଅଠା ଜୋର୍ ଧରେ..

ଧରିଥିଲି ହାତ ଯା'ର
ଏଡେ କପଟିଆ ଦଗା ଦେଇଗଲା
ଭୁଲିଗଲା ମୁଁ ଯେ ତା'ର...

ତା'ର ମୋର ଭାବ ଥାଉ
ଚାଳରେ ରାବୁଛି ଡାମରା କୁଆ ଲୋ
ଆସିବ କି ପ୍ରିୟ ଆଉ !...

ଭୁବନେଶ୍ୱର, ଖୋର୍ଦ୍ଧା

# ତତେ ଭଲପାଏ ବୋଲି

## ଅନିତା ପଣ୍ଡା

ତତେ ଭଲପାଏ ବୋଲି,
ନିଜକୁ ମୁଁ ତିଳ ତିଳ କଲି,
ହେଲେ, ଜାଣି ପାରିଲିନି
ତତେ ତିଳ ତିଳ ଜାଳିଦେଲି ।

ତତେ ଭଲପାଏ ବୋଲି,
ମୋ ନୟନୁ ଲୁହ ବହିଗଲା,
ହେଲେ ଜାଣି ପାରିଲିନି,
ତୋ' ଆଖିରୁ ଲହୁ ଝରୁଥିଲା ।

ତତେ ଭଲପାଏ ବୋଲି,
ରଜନୀ ମୋ ଆଖିରେ ବିତିଲା,
ହେଲେ ଜାଣି ପାରିଲିନି,
ତୋ' ଆଖିରୁ ନିଦ ହଜିଗଲା ।

ତତେ ଭଲପାଏ ବୋଲି,
ନିଜକୁ ମୁଁ ନିଜେ ଭୁଲିଗଲି,
ହେଲେ ଜାଣି ପାରିଲିନି,
କେବେ ତତେ ମୁଁ ହଜେଇଦେଲି ।

ଭୁବନେଶ୍ୱର, ଖୋର୍ଦ୍ଧା

# ଗଳ୍ପ



## ଶୈଳେନ୍ଦ୍ର ନାରାୟଣ ବେହେରା

ଗଳ୍ପ....
ସେ ତ ଶବ୍ଦ ବସନ୍ତର ଖୁସିରେ ଉଡ଼ି ବୁଲୁଥିବା ପକ୍ଷୀଟିଏ।
ଗଳ୍ପ....
ସେ ତ ବିଦଗ୍ଧ କଳ୍ପନା ରାଇଜର ଯୁବରାଜ କି ରାଜଜେମାଟିଏ।
ଗଳ୍ପ...
ସେ ତ ମିଠା ସମୀରରେ ଲୁକ୍କାୟିତ ମନର ସଦ୍ୟ ଫୁଟା ଫୁଲଟିଏ।
ଗଳ୍ପ...
ସେ ତ ଫଗୁଣର ସାରଥୀ ମଳୟର ଆଗମନୀ ବାର୍ତ୍ତାଟିଏ।
ଗଳ୍ପ ...
ସେ ତ କେତେ ଯେ ପ୍ରାଣର ରଙ୍ଗୀନ ଶବ୍ଦର ଅନୁଭବଟିଏ।
ଗଳ୍ପ...
ସେ ତ ଲେଖନୀ ନିସୃତ 'ମୁଁ' ଭିତରେ ମୁଁ ଟିଏ।
ଗଳ୍ପ...
ସେ ତ ମନର ପରିବ୍ୟାପ୍ତ ଟଣା ଓଟରା ସତ୍ୟଟିଏ।
ଗଳ୍ପ ...
ସେ ତ ଅବୁଝା ହୃଦୟର ମନଲୋଭା ଲେଖାଟିଏ।
ଗଳ୍ପ ...
ସେ ତ ଉଦ୍ବେଳିତ ସ୍ରଷ୍ଟାର ଅନୁପମ ବେପଥୁ ଯେ ସିଏ...
ସର୍ବୋପରି
ଗଳ୍ପ...
ସେ ତ ଚଗଲା ମନର ଭାଷାକୁ ଫୁଟାଉଥିବା ପରିଣାମଟିଏ।
ଏଇ ତ ଗଳ୍ପ....

ଭୁବନେଶ୍ୱର, ଖୋର୍ଦ୍ଧା

# କି କହିବି ସଖୀ



## ବିନୟ ମିଶ୍ର

କି କହିବି ସଖୀ ! କାହ୍ନୁର ସେ କୀର୍ତ୍ତି,
କଅଁଳ କଥାରେ ରାଧାକୁ ମୋହେ,
କେମିତି ବୁଝିବ ସେ ରାଈକିଶୋରୀ,
କପଟରେ ତା'କୁ ପାରିବ କିଏ ?

କୁଞ୍ଜବନେ କେତେ ଅଭିସାର ତା'ର,
କୁଳ କଳଙ୍କକୁ ମନରୁ ତେଜି,
କଞ୍ଜମୁଖ ତା'ର କଜଳ ଲୋତକେ,
କଳା ପଡ଼ି ସତେ ଯାଇଛି ଆଜି ।

କୁହ ସଖୀ ! କାହିଁ ଏତେ ବିଡମ୍ବନା,
କାହ୍ନୁ କାହିଁ ପାଇଁ ନବୁଝେ ମନ,
କଷଟି ପଥରେ, ପ୍ରୀତିର କାଞ୍ଚନ
କେତେ ପରଖିବ ସେ ନିତିଦିନ ?

ଭୁବନେଶ୍ୱର

# ନିଃଶବ୍ଦ ସ୍ୱର

## ଡ଼ ଆରତୀ ପଟ୍ଟଯୋଷୀ

ନୀଳ ଆକାଶର  ନୀଳିମା ଭିତରେ
ତୁମକୁ ଖୋଜୁଛି ବନ୍ଧୁ
ନୀଳସାଗରର  ନୀଳତରଙ୍ଗରେ
ଧୋଇ ମନର ଅଳନ୍ଧୁ (୧)

ନୀଆଳି ଲତାର ନିକାଞ୍ଚନ କୁଞ୍ଜେ
ନିଖୁଣ ଏବେବି ସ୍ମୃତି
ନିନାଦିତ ହୁଏ  ହୃଦ ନିବସନେ
ନିବଦ୍ଧ ମନର ଗୀତି (୨)

ନିବିଷ୍ଟ ଚିତ୍ତରେ ନୀଳୋତ୍ପଳା ମୂଳେ
ନିରୋଳାରେ ପ୍ରତୀକ୍ଷିତ
ନିରଂଶ ମୁଁ ସାଥି  ଛୋଟ ମୋ' ନିୟତି
ନିରନ୍ତର ତୋ ନିୟତ (୩)

ନିଃସଙ୍ଗ ଜୀବନ  ଅଙ୍କ ନିଃସରଣ
ନିବିଷ୍ଟ ମୁଁ ତୁମ ପ୍ରେମେ
ନିଦାରୁଣ ତୁମ  ବିରହ ବେଦନା
ନିୟତ ମୋ' ଭାଗ୍ୟ ମଣେ (୪)

ନିର୍ବାପିତ ଅବା  ନିଃଶେଷ ହେବି ମୁଁ
ନିର୍ଲିପ୍ତ ତୁମ ବଦନ
ନିର୍ମୋହ ପ୍ରେମିକ  ନିରାଶା ଅଧିକ
ନିପ ମୋ' ମନ କାନନ (୫)

# ଜହ୍ନ ଓ ମନ



**ଡା: ବିଧୂତ୍ ଶେଖର ମିଶ୍ର**

ଭାବିଲି ଜହ୍ନ କୁ ନେବି କୋଳେଇ
ଜହ୍ନର ସୁଷମା,ଜହ୍ନର ଜୋଛନା
ଜହ୍ନରେ ମନ ମୋ
ଦେବି ହଜେଇ ॥

ଭାବିଲି ଜହ୍ନକୁ ମୋ' ପ୍ରାଣ ପ୍ରିୟା
ଜହ୍ନର ବନ୍ଧନେ, ଜହ୍ନ ଆଲିଙ୍ଗନେ
ଭଙ୍ଗା ହୃଦୟ ମୋ
ହେବକି ନୂଆ !!

ଦେଖିଲି ଜହ୍ନ ମୋ' ଯାଉଛି ଲୁଚି
ପକ୍ଷେ ସେ ବଢୁଛି, ପକ୍ଷେ ସେ ଛିଡୁଛି
ମନ ଆକାଶରେ
ଭ୍ରମ ବାଣ୍ଟୁଛି ॥

ଖୋଜିଲି ଜହ୍ନକୁ ସାରା ମୂଲକ
ଅମାବାସ୍ୟା ରାତି ମନେ ଆଣେ ଭିତ୍ତି
ଭରିଦିଏ
ପ୍ରତାରଣା ଝଲକ ॥

ଜହ୍ନ ହୃଦୟ ମୋ' ବିଶ୍ୱାସେ ଭରା
ଲୁଚକାଳି ଖେଳେ ମୋ' ପ୍ରେମ ଜୁଆରେ
ପ୍ରେମ ହିଁ ଅମର
ଦିଏ ଇସାରା ॥

ରାତି ଆକାଶରେ ଜହ୍ନ ମୋ ସାଥି
ଲକ୍ଷେ ତାରାଙ୍କର ପରିହାସ ସ୍ୱର
ତଥାପି" ସେ" ମୋର
"ମୁଁ" ତା'ର ପ୍ରୀତି ॥

**ଉପ- ନିର୍ଦ୍ଦେଶକ, ଜିଲ୍ଲା ପ୍ରାଣୀ ଚିକିତ୍ସାଳୟ**
**ପାରଳାଖେମୁଣ୍ଡି, ଗଜପତି**

# ତୁମେ ମାଟି ମୁଁ ଆକାଶ

**ଅଭିଷେକ ମହାରଣା**

ସଖୀ ତୁମେ ସମ୍ମୋହିନୀ ସନ୍ଦେହୀ ନୟନା
ସାତକୋଶ ସାଥୀ ମୁଁ ଯେ, ପୀରତି ବନ୍ଦନା।
ପ୍ରେମଶୁନ୍ୟ ରାଜରାସ୍ତା ପଥିକ ମୁଁ ଏକା
ଅଜଣାତେ ଅବେଳାରେ ଯଦି ହୁଏ ଦେଖା।।

ଭଲ ଥିଲି ଭୁଲାଦିନେ ଅଭିନୟ କରି
ଭଲ ଆସି ଭୁଲେଇଲ ମନକରି ଚୋରି।
ଏକାକିତ୍ୱ ଜୀବନରେ ତୁମେଥିଲ ଯାହା
ନିବିଡ଼ତା ସମ୍ପର୍କରେ ସମୟଟା ଆହା।।

ଗଲତୁମେ ଗଲାବେଳେ ଦେଇ ଯେଉଁ ଚିହ୍ନ
ଫୁଟୁଥାଉ ବକ୍ଷେ ମୋର ତୁମେ ହୁଅ ଜହ୍ନ।
ସପନର ସ୍ୱପ୍ନପୁରେ ଏ ପ୍ରେମର ଆଶା
ତୁମେଥିଲ ଲକ୍ଷେ ତାରା ପ୍ରେମିକର ନିଶା।।

ଏ ହୃଦର ହୃଦଦେଶେ ତୁମେ ତୁମେ ତୁମେ
ବୟସଟା  ବିତିଯାଉ ଭ୍ରମେ ଭ୍ରମେ ଭ୍ରମେ।
ତୁମେ ପ୍ରିୟା ତୁମେ ହୋଇ ତୁମେ ରହିଥିବ
ତୁମବିନା ବସନ୍ତର ବାସ ନ ଛୁଟିବ।।

ମୁଁ ହୁଏ ଆକାଶ ଓ ତୁମେ ହୁଅ ମାଟି
ଏଇ ଆମ କାହାଣୀରେ ଛାତିଯାଉ ଫାଟି।
ସ୍ମୃତିର କିରଣରେ ଥିବ ପ୍ରତିବିମ୍ବ
ତୁମେ ଥିବ ମୁଁ ଥିବି ହୋଇଥିବା ସ୍ତମ୍ଭ।।

**ରାମନଗର, ମହାକାଳପଡ଼ା, କେନ୍ଦ୍ରାପଡ଼ା**

# ରଙ୍ଗମଞ୍ଚ

## ଶ୍ରୀମତୀ ମିନତୀ ମିଶ୍ର

ଏ ସଂସାର ରଙ୍ଗମଞ୍ଚକୁ
ଅତିକ୍ରମ କରୁ କରୁ
କେବେ ଆସେ ଦୁଲୁକାଏ ପବନ ତ
କେବେ ପୁଣି ଝଡି ବରଷା
କେବେ, ଶୀତରେ ଦେହ ମୋର ଥର ଥର
କେବେ ପୁଣି ଟାଇଁ ଟାଇଁ ଖରାରେ
ଦେହ ମାରେ ଝାଇଁ
ସେଥିରେ ବି ମହାନନ୍ଦ ମିଳଇ
ଏ ସଂସାର ରଙ୍ଗମଞ୍ଚ
ମୋ ବିନା ଅଧୁରା
ମୁଁ ଯେ, ନାୟିକା
ତପସ୍ୟାର ମୂର୍ତ୍ତିମନ୍ତ ପ୍ରତୀକ
ଠିଆ ହୋଇଥିବା ଖମ୍ବମାନେ
ମୋ' ପାଇଁ ଜୀବନ୍ତ ହୋଇଉଠନ୍ତି
ହସୁଥାଏ ଘର ପାଇ ମୋରି ପରଶ
ଏ ତ ଦୁର୍ଗମ ପଥ
ଅତିକ୍ରମ କରିବା ନୁହେଁ ତ ସହଜ
ତଥାପି, ପ୍ରାଣ ଦେଇ ଭଲପାଏ
ପ୍ରତିଟି ମୁହୂର୍ତ୍ତ ର ରଙ୍ଗମଞ୍ଚ କୁ

ଦୋଳମଣ୍ଡପ ସାହି, ପୁରୀ

# ଟିକିଏ ଭାବନ୍ତୁ



## ବିଭୁପ୍ରସାଦ ହରିଚନ୍ଦନ

ତୁଳସୀ ପତ୍ରଟି ସୁଗନ୍ଧରେ ଭରା
ଜନମନ ହରୁଥାଏ
ବିଛୁଆତି ପତ୍ର ଦେହରେ ଲାଗିଲେ
ନିଶ୍ଚୟ କୁଣ୍ଡାଇ ହୁଏ
ସାଧୁସଙ୍ଗ ଖୁସିଦିଏ
ଦୁର୍ଜନ ଲୋକଟି ପରର ମନରେ
ଦୁଃଖ ଦେଇ ସୁଖ ପାଏ। (୧)

ସହିବା ଲୋକଟି ସଂସାରରେ ବଡ଼
କହିବା ଲୋକ ତ ସାନ,
ହିତାହିତ ଜ୍ଞାନ ଯିଏ ଭୁଲିଯାଏ
ପାଇଥାଏ ନୀଚସ୍ଥାନ
ସବୁବେଳେ ରଖମନ
ପରିସ୍ଥିତି ତୁମ ଯାହା ହୋଇଥାଉ
କ୍ରୋଧକର ସମ୍ବରଣ। (୨)

ଖୋର୍ଦ୍ଧା

# ଜାଗିଉଠ ପାଇକ



**ପ୍ରସନ୍ନ ମଣ୍ଡଳ**

ଧନ୍ୟରେ ପାଇକ
ବାହୁବଳ ତୋ'ର
କାହାକୁ ବା ନାହିଁ ଜଣା
ବାହାପିଆ ଠକ
ଗୋରା ସିପାହୀଙ୍କୁ
କରିଦେଲୁ ବାଟ ବଣା ।

ଫିରିଙ୍ଗି ଫଉଜ
ଫୁଟେଇଲେ ଯେତେ
ତୋପ ଗୁଳିଗୁଳା ବାଣ
ଜାଣି ପାରିଲେନି
ତୋର କାରସାଦି
ଲଢୁଆ ମନର ଟାଣ ।

ରକତ ଧାରରେ
ଭିଜାଇଥିଲୁ ତୁ
ଖୋରଧା ଗଡର ମାଟି
ଜାଳିଥିଲୁ ନିଆଁ
ବିଦେଶୀ ଛାତିରେ
ଡେଇଁ ବରୁଣେଇ ଘାଟି ।

ପିନ୍ଧୁଥିଲୁ ସାଧା
ହାତବୁଣା ଧୋତି
ଖଦଡ଼ ଦୋଷଢା ଖଦି
ତେଜିଥିଲୁ ଘର
ସଂସାରର ସୁଖ
ସୁନା ରୁପା ଖଟ ଗଦି ।

ଗାନ୍ଧୀବାଦୀ ହୋଇ
ବାନ୍ଧି ଦେଇଥିଲୁ
ଓଡିଆ ଏକତା ଡୋରୀ
ଠେଙ୍ଗା ବାଡ଼ି ଧରି
ଠକ ଫିରିଙ୍ଗିର
ଛାତି ଦେଇଥିଲ କୋରି ।

ନାହିଁ ସିନା ଆଜି
ବିଦେଶୀ ଶାସନ
ବନ୍ଧୁକ କମାଣ ମାଡ଼
ତୁଟିନାହିଁ ଦମ୍ଭ
ସରିନାହିଁ ତୋର
ଖଣ୍ଡା ତଲୁଆର ଦାଢ଼ ।

ଜାଗିଉଠ ବୀର
ଭାଙ୍ଗିଦିଅ ଆଜି
ଦେଶଦ୍ରୋହୀଙ୍କର ଗାଦି
ଲୋପହେଉ ଯେତେ
ଛଳନାର ଜାଲ
ମିଛ ରାଜନୀତି ଖାଦି ।

**କୋଟପଲ୍ଲା, ଖୋର୍ଦ୍ଧା**

# ଭୀରୁ ନୁହଁନ୍ତି ପୁରୁ



**ଜ୍ୟୋତିପ୍ରଭା ପଟ୍ଟନାୟକ**

ପଞ୍ଜାବରେ ମିଶି ରହିଥିଲା ଦିନେ
ଛୋଟ ଛୋଟ ରାଜ୍ୟ କେତେ,
ଛୋଟ ଛୋଟ ରାଜ୍ୟ ରାଜାଙ୍କ ଅଧିନ
ସିନ୍ଧୁ ନଦୀର ତଟେ।
ଗ୍ରୀସ୍ ଦେଶର ଫିଲିପି ରାଜାଙ୍କ
ପୁତ୍ର ଆଲେକଜାଣ୍ଡାର,
କୁସ୍ତି କସରତ, ଦୁଃସାହସିକ କ୍ରୀଡ଼ାରେ
ଥିଲେ ସିଏ ଧୁରନ୍ଧର।
ରାଜାହେବା ପରେ ରାଜ୍ୟ ଜୟ ଲକ୍ଷ୍ୟ
ଭାରତରେ ପହଁଚିଲେ,
ପଞ୍ଜାବର ଛୋଟ ରାଜ୍ୟ ରାଜାମାନେ
ତାଙ୍କ ବଶତା ସ୍ୱୀକାର କଲେ।
ବିତସ୍ତା ଓ ଚନ୍ଦ୍ରଭାଗା ନଦୀ ମଧ୍ୟସ୍ଥଳେ
ଥିଲା ପୁରୁରାଜାଙ୍କର ରାଜ୍ୟ,
ସେ ଥିଲେ ସାହସୀ ପୁଣି ସ୍ୱାଭିମାନି
ଅସାମାନ୍ୟ ବଳବୀର୍ଯ୍ୟ।
ଶରଣ ନ ପଶି ପୁରୁ କଲେ ଯୁଦ୍ଧ
ପୁରୁପୁତ୍ର ବୀରଗତି,
ତଥାପି ତାଙ୍କର ଛାତି ଦମ୍ଭ କରି
ଲଢେଇ ଜାରି ରଖନ୍ତି।
ଶେଷରେ ସେ ହେଲେ କ୍ଷତ ବିକ୍ଷତ
ବନ୍ଦୀ କରିଲେ ସୈନିକ,
ବନ୍ଦୀ ହୋଇବି ହରାଇ ନଥିଲେ
ମନୋବଳ କି ବିବେକ।
ଆଲେକଜାଣ୍ଡାର ପଚାରିଲେ ପୁରୁ
ମୋ' ଠାରୁ କି ବ୍ୟବହାର ଚାହଁ,
କହିଥିଲେ ପୁରୁ ତୁମେ ଜଣେ ରାଜା
ରାଜୋଚିତ ବ୍ୟବହାର ଦେଖାଅ।
ପୁରୁ ରାଜାଙ୍କର ସାହସିକତାରେ
ଖୁସି ହେଲେ ଆଲେକଜାଣ୍ଡାର,
ଫେରାଇଲେ ରାଜ୍ୟ ମୁକ୍ତ ହେଲେ ପୁରୁ
ପାତ୍ର ସିଏ ପ୍ରଶଂସାର।
ଅସୀମ ସାହସ ଅପୂର୍ବ ବୀରତ୍ୱ
ଅନୁପମ ଶୌର୍ଯ୍ୟ ଦେଖି,
ଭୀରୁ ନୁହନ୍ତି ପୁରୁ ଶ୍ରେଷ୍ଠ ରାଜା
ଇତିହାସ ତାର ସାକ୍ଷୀ।

ଖୋର୍ଦ୍ଧା

# ଶୁଭ ଦୀପାବଳି



**ପୁଷ୍ପାଞ୍ଜଳି ପଣ୍ଡା**

ଶ୍ରଦ୍ଧାର ନୈବେଦ୍ୟ ସହ
ପ୍ରିତୀର ରଙ୍ଗୋଲୀ
ସ୍ନେହ ପ୍ରେମ ସମର୍ପଣ
ଘୃତକୁ ଅଜାଡ଼ି
ଆୟୁଷର ବଳିତାରେ
ମାଟିର ଦୀପାଳି
ଜଳାଉଛି ଭକ୍ତିଭରେ
ମାଆ ଗୋ ମହାକାଳୀ
ପାପତାପ ରୋଗ ଦୁଃଖ
ଦିଅ ନାଶ କରି
ଅମା ଅନ୍ଧାର ଦୂରେଇ
ଦିଅ ମା' ବିଶ୍ୱ ହେଉ ଆଲୋକିତ
ଶୁଭ ଦୀପାବଳିର ଶୁଭେଚ୍ଛା ବାଢ଼େ
ମାଆ ଗୋ ସର୍ବ ଘଟେ ବିରାଜିତ।

**ଯାଜପୁର, ଓଡ଼ିଶା**

# ପ୍ରତୀକ୍ଷା.....



**ଅଂଜଳି ଦାସ**

ମୁଁ ଏକ ଜୀବନ
ପାଏନି ମୋ' ଆତ୍ମାର ନିର୍ଦ୍ଦିଷ୍ଟ ଠିକଣା
ମୁଁ ହଜେଇ ଦେଇଛି ମୋ' ପରିଚୟ
ବର୍ତ୍ତମାନର ସମୟ ଗହଳିରେ
ପ୍ରତିଟି ଆଶା ଆଉ ସ୍ୱପ୍ନ ମଧ୍ୟରେ
ତଥାପି................
ବର୍ତ୍ତମାନ ଆଉ ଭବିଷ୍ୟତର
ଦୋ' ଛକିରେ ମୁଁ........
ମୁଠାଏ ସ୍ୱପ୍ନର ପ୍ରତୀକ୍ଷାରେ.......

**ଅସ୍ତରଙ୍ଗ, ପୁରୀ**



# ବାପା

ରମେଶ ଚନ୍ଦ୍ର ମିଶ୍ର

ସ୍ୱପ୍ନର ଇମାରତ୍ ଗଢ଼େ ବାପା
ଛତୁ ମୁଠାଏରୁ ଗଢିଦିଏ
କଳ୍ପନାର ଭବ୍ଯ ଅଟ୍ଟାଳିକା ....
ବିନ୍ଦୁ ଭିତରେ ସିନ୍ଧୁକୁ
ଦର୍ଶନ କରିବାର ବ୍ଯାକୁଳତା ରଖେ ବୋଲି ତ
ନାଶକରେ ଶତ କୁଜ୍ଝଟିକା ।

ସ୍ୱପ୍ନଭୁକ୍ କିନ୍ତୁ ନୁହେଁ କେବେ ସିଏ
ଖୋଜୁଥାଏ ଶାମୁକାରୁ ମୋତି .....
ଦିନ ରାତି ଏକ୍ କରିଦିଏ
ଦୁଇ ଖଣ୍ଡ କାଠି ପରି
ତା'ର ଦୁଇ ଶିରାଳ ହାତରେ
ମାପୁଥାଏ ସ୍ୱପ୍ନ ଠାରୁ ବାସ୍ତବ ଦୂରତା
ପୁହାଏ ସେ କେତେ କାଳରାତି ।

ନିଃଶ୍ୱାସରେ ତା'ର
ଦୋହଲିଯାଏ ସମୁଦ୍ରର ଢେଉ
ଆକାଶର ତାରାମାନେ ଡୁବିଯାନ୍ତି
ବାତ୍ଯାଗ୍ରସ୍ତ ଲୁଣିପାଣିରେ ଅଦୃଶ୍ୟ ହୁଅନ୍ତି .....
ଜହ୍ନ ଘରୁ ହସ ଚୋରି କରୁ କରୁ
ଲହୁଲୁହାଣ ହୁଏ ବାପା
ତଥାପି ସେ ପଣରଖେ
ତା' ସନ୍ତାନପାଇଁ ଉଡାଇବ କେବେ
ବିଜୟର ଜୈତ୍ର ବୈଜୟନ୍ତୀ ।

ବାଇଚଢେଇଟିଏ ବାପା
ବାଆ କଲେ ବସା ଦୋହଲୁଥାଏ
ପାଣିକୁ ଡର ନା ପବନକୁ ଡର .....
ସୁରକ୍ଷାର ସକଳ କୌଶଳ
ଆପଣେଇବାରେ କାଟିଦିଏ
ତା'ର ସକଳ ସମ୍ବଳ, ମୂଲ୍ଯବାନ୍ କାଳ ।

ବାପା ପୁଣି ଲକ୍ଷ୍ମଣଙ୍କ ପୁନଃ ଅବତାର
ଚୌଦବର୍ଷ ନୁହେଁ, ଆଜୀବନ ବନବାସୀ
ବିନିଦ୍ର ଓ ପୂର୍ଣ୍ଣ  ନିରାହାର .....
ଆପଣାର ପଣ ଆଉ ଆଶ୍ରିତର ପ୍ରାଣରକ୍ଷା ପାଇଁ
ନିଜ ଜୀବନକୁ ବାଜି ରଖେ
ଆଜୀବନ ବରିନିଏ ନଗ୍ନ ହାହାକାର ।

ବାପା ତ ଈଶ୍ବରଙ୍କ କ୍ଷୁଦ୍ର ସଂସ୍କରଣଟିଏ
ତା' ଛୋଟ ସଂସାର ପାଇଁ
ବିଷପାନ କରେ, ନୀଳକଣ୍ଠ ହୁଏ .....
ସକଳ ଐଶ୍ବର୍ଯ୍ଯରୁ ମୁହଁ ଫେରେଇ
ନିର୍ଜନ ଗିରିକନ୍ଦରକୁ
ଆପଣେଇନିଏ
ବାପା, ଈଶ୍ବରଙ୍କ କ୍ଷୁଦ୍ର ସଂସ୍କରଣଟିଏ ।

ସମ୍ପାଦକ
ତ୍ରିଧାରା ସାହିତ୍ୟ ସଂସଦ
ତାପସ କୁଟୀର, ବଇଣ୍ଡା, ଅନୁଗୋଳ

# ଅହେତୁକ



**ଆରତି ମଞ୍ଜରୀ ଦାଶ**

ସିଏ ଥିଲା ଫେରନ୍ତା ତପନର
ବୁଜିଲା କିରଣ
ଫେରୁଥିଲେ ମେଣ୍ଢାପଲ
ଗୋଟେ ପରେ ଗୋଟେ ଘରମୁହାଁ
ଅଦୂରରୁ ଦିଶୁଥିଲା
ମାଲ୍ୟଗିରି ତଳ
ସେଇ ଲଗାଲଗି ଶିଳାର
ଗୋଲକ ଦ୍ୱୟ
ଶୁଭୁଥିଲା ପବନର
ସାଇଁସାଇଁ ଶବ୍ଦ
ଝମ୍ ଝମ୍ ପଡୁଥିବା ଝରଣା
ପାଣିର ନାଦ ଅନହତ
ଶସ୍ୟ ଭରା ପଠା ଆଉ
ସ୍ୱଚ୍ଛ ରଙ୍ଗିମ ଆକାଶ
ରଚୁଥିଲା ଛବି ମନୋରମ
ଶ୍ୟାମଳ ପିଙ୍ଗଳ
ଲୋଟାଇ ଅବଶ ଦେହ
ଚିକ୍କଣ ଚଟାଣ ପରେ
ଭାବୁଥିଲି ଆପଣା ଲେଉଟାଣି
ପଥର କ୍ଳାନ୍ତ ସୁଷମାକୁ
ତନ୍ଦ୍ରାଚ୍ଛନ୍ନ ରିକ୍ତ ପ୍ରହର,
ସହସା ଶୁଣିଲି କୋଇଲି,
ହଁ, ଗୋଟିକିଆ କୋଇଲିର
କାନ୍ଦୁରିଆ କରୁଣ ସ୍ୱର
ଅଜଣା କୋହଟେ କିଆଁ
ଭିତରୁ ଆସିଲା ଉତୁରି,
ସେଇମିତି ଗଲା ବିତି
ସେ ଦିନ ସଞ୍ଜ ଆଉ ରାତି
ପରଦିନ ଭାବୁଥିଲି ମନେ ମନେ
ଆଜି ରାତିଟି ଆଉ ନ ଯାଉ
ଅକାରଣେ ନିଦ୍ରା ହୀନେ-- ।

ଆରେ ନିଦ,
ତୋ' ବ୍ୟତୀତ ସମ୍ଭବ କି କେବେ
ଅନୁଭବୀ ଯିବା ଭୋଅରର ଐଶ୍ୱର୍ଯ୍ୟ--!!

ଅଳସ ଭରା ଝାପସା ଆଖିରେ
କିମିତି ନିରେଖିବି
ନୂଆ ସକାଳର ସୌନ୍ଦର୍ଯ୍ୟ---?

**ଗୁରୁଜଙ୍ଗ, ଖୋରଧା**

# ଅତୀତକୁ କାହିଁ ଝୁରୁଛୁ



**ବସନ୍ତ କୁମାର ସାହୁ**

ଏକ ଲୟେ ତାକୁ ଅନେଇ ରହିଛି
ଅତୀତକୁ ଖାଲି ଝୁରୁଛି
ଗଡିଲା ବୟସ ଭାବେ ଭାବାନ୍ତର
ଅଦିନରେ ପତ୍ର ଝଡୁଛି।।

ଜୁଳୁ ଜୁଳୁ କରି ଚାହୁଁଛି ଏକାଗ୍ରେ
ଯଷ୍ଟି ମୋ' ସାହାରା ହୋଇଛି
ଥିରିଥିରି ପାଦ ଗଣି ମୁଁ ଚାଲଇ
ଝୁଣ୍ଟିବାର ଭୟ ରହୁଛି।।

ମଧୁମେହ ଆଉ ଉଚ୍ଚ ରକ୍ତଚାପ
ରୋଗ ସବୁ ଘର କରିଛି
ବୟସ ଛାପରେ ସୁନ୍ଦର ମୁହଁଟା
କେତେ ଭାଙ୍ଗେ ଭାଙ୍ଗ ପଡିଛି।।

ଅଭିମାନ ସବୁ ଟିକିଏ କଥାରେ
ଟିକିକରେ ରାଗି ଯାଉଛି
ବୟସ ବଢିଲେ ମାନ ଅଭିମାନେ
ଆଖିରୁ କି ଅଶ୍ରୁ ବହୁଛି।।

ବୁଢ଼ାବୁଢ଼ୀ ଦୁହେଁ ଶୂନ୍ୟ ଆକାଶକୁ
ଏକାଗ୍ରରେ ଚାହିଁ ରହୁଛୁ
ଶୁଖିଲା ପତର ପାଦ ଟଳମଳ
ଝରିଯିବ କେବେ ଭାବୁଛୁ।।

ଆଖି ବୁଜିଦେଲେ ଧନର ପାହାଡ଼
ଆଖି ଆଗେ ଭାଙ୍ଗି ଲୋଟୁଛି
ସବୁଜ ଯୌବନ ମୋହ ମତ ଗର୍ବ
ସପନ ପରାଏ ଲାଗୁଛି।।

ଶେଷ ଆଶ୍ରା ପ୍ରଭୁ ପାଦ ପଦ୍ମ ତୋର
ମନ ସଦା ରହୁ ଭାବୁଛି
ଅରଜିଲି କେତେ ହରାଇଲି କେତେ
ହୃଦୟରେ ଗୁଣି ହେଉଛି।।

**ଦେଉଳି, ଖୋର୍ଦ୍ଧା**

# ଶରତ



**ଦେବଯାନୀ ରାୟ**

ଯଦିଓ ଖୁବ୍ ଛୋଟ ବେଳୁ ତୁମକୁ ଦେଖିଛି
ତେବେ ବି ଅନୁଭବ କରିପାରିନି
କାଶତଣ୍ଡୀର ବିପୁଳ ସମ୍ଭାଷଣ
ନଦୀପଠାର ମିଠା ମନଲୋଭା ଆକର୍ଷଣ
ତୁମ ଆସକ୍ତିର ପ୍ରଥମ ପାହାଚରେ
ପ୍ରେମ ପୁଲକ ପ୍ରାଣର ସ୍ପନ୍ଦନ
ମୋ' ଅଜାଣତେ ବିଞ୍ଚି ହୋଇ ପଡିଥିବା ତୁମ
ପ୍ରୀତିଝରା ଶେଫାଳିମାନ।

ଏବେ ମୁଁ ସାଉଁଟି ଚାଲିଛି
କେତେ କେତେ ଘାସ, ଘାସଫୁଲ
ଅନ୍ଧାର କୃଷ୍ଣ ଗର୍ଭରୁ ଆଲୁଅର ମାଳ
ସୁଅ ମୁହଁର କାଠିକୁଟା
ଦିନେ ଅନାବନା ଭାବୁଥିବା  ସ୍ୱପ୍ନର ତାଳପତ୍ର
ଅଧାଗୀତ, ଅଧାକଥା
ଡେଇଁ ସାରିଥିବା କୁସୁମାକର
ଓ ଫଗୁଣର ବେଖିଆଲି ସ୍ମୃତି ସବୁକୁ
ଓଳେଇ ସଫା କରି ଦେଇଥିବା
ବେଦରଦୀ ଦାଗ ସବୁକୁ।

ଚଇତାଳିରେ ଲିଭେଇ ସାରିଥିବା
ଦେହ ବନସ୍ତର କୁହୁଳା ଧୂଆଁକୁ।
କେବେ ଚାହିଁ ନାହିଁ କାହାର ଆଶ୍ଳେଷ
କିନ୍ତୁ ମୋ' ଆଧିଭୌତିକ ବୟସ ସାମ୍ନାରେ ।
ଏବେ ଲୋଭ ଦେଖାଉଛି
ଆଶ୍ୱିନର ଶାନ୍ତ ସକାଳ, ରୂପସୀ ଫୁଲକଢ଼ି ତ
କେବେ ପୁଣି ଭଙ୍ଗା ଘରର
ଆତ୍ମୀୟ ହୋହାଲ୍ଲା, ଆନନ୍ଦ ଉଲ୍ଲାସ ।
ଏଣିକି ଏଣିକି ମନ ଖୋଜେ ବେଶୀ ବେଶୀ ପୁଲକ
ଚକ୍ଷୁ ଅର୍କ ଦେଖେ ଦିଗନ୍ତ
ରିକ୍ତ ହୃଦୟ ପାଇଁ ମୁଠାଏ ଆପଣାପଣ
ବୁନ୍ଦା ବୁନ୍ଦା ପ୍ରେମଧାର ବୁହାଏ ମୁଁ ଅବିଶ୍ରାନ୍ତ ।

ସତ କୁହ,
କେବେଠୁଁ ଲୁଚାଇ ଥିଲ ଆକୁଳ ଅନୁରାଗ
ପ୍ରୀତିର ପରାଗ ଶକ୍ତ ପ୍ରେମର ପ୍ରତ୍ୟାଶା
କେବେଠୁଁ ଗୋପନରେ ପୋଷିଥିଲ
ପ୍ରତିଟି ଧମନୀର ସଂଚାଳିତ ରକ୍ତ ବିନ୍ଦୁରେ
ଭଲପାଇବାର ପରମ ପରିଭାଷା ।

ବର୍ତ୍ତମାନ ସମୟ ଚାହେଁ ଦେହଳୀ ଡେଇଁ
ଜୀବନକୁ କୋଳେଇ ଧରିବାରେ
ଯେଉଁ ମନ ଦିନେ ଅଜ୍ଞାତ ଥିଲା
ବିଗତ ଅବସ୍ଥାର ଗୁମରକୁ ବୁଝିବାରେ
ବିଷ୍ଣୁପଦେ ଦୁଃଖର କାରଣ
ଆଉ ବିଧ୍ୱସ୍ତ ସମୟର ଗୀତି ଗାଥା ରେ ।
ଆଜି ପରିପୂର୍ଣ୍ଣ ଜୀବନ ପ୍ରାର୍ଥନା ଶୀତଳରାତିର ପହିଲି
ଶିକ୍ରାରରେ ଅଚାନକ ସନ୍ଧି ଘୋଷଣା କରେ ।

**ଜଟଣୀ, ଖୋର୍ଦ୍ଧା**



# ଉତ୍କଳ ସୁକନ୍ୟା

**ନଳିନୀ ପ୍ରଭା ଦାସ**

ବୀରା ମାଟିର ବୀରା କନ୍ୟା ସେ
ଭଞ୍ଜ ମାଟିରେ ଜନ୍ମ
ସେ ଛୋଟ ଗାଁରେ ଗଢା ସେ ଜୀବନ
ଦ୍ରୌପଦୀ ମୁର୍ମୁ ନାମ ।

ଉପରବେଢାର ସେହି କୁନିଝିଅ
ବାସ ତା' ମହକ ଭରା
ଶିକ୍ଷା ଦୀକ୍ଷା ସ୍ମୃତି ଜୀବନର ଛବି
ମହକେ ଭାରତ ସାରା ।

ଜୀବନ ସଂଘର୍ଷେ ହାରିବା ଜାଣେନି
ଧରିନି ହାତରେ ଢାଲ
ତଥାପି ଜିତିଛି ଜୀବନ ଯୁଦ୍ଧରେ
ଡେଇଁ ଦୁଃଖ ଖମା ଖାଲ ।

ଜୀବନ ବିତିଛି ତା' ଶିକ୍ଷକତାରେ
ଜନତା ହିତରେ ପୁଣି
ଜୀବନର ପଥ ବଦଳି ଯାଇଛି
ଜୀବନ ଯୁଦ୍ଧରେ ଜୁଝି ।

ନାହିଁ ସେ ମନରେ ଗର୍ବ ଅହଂକାର
ଡେଇଁବାର ସପ୍ତସିନ୍ଧୁ
ଜୀବନ ଯନ୍ତ୍ରଣା ଦୁଃଖ ଓ ଦୁର୍ଦ୍ଦଶା
ତରିଛନ୍ତି ଭବ ସିନ୍ଧୁ ।

ବାଧକ ସାଜିନି ଅଦିନିଆ ଝଡ଼
ସୃଜିଛି ନୂଆ ସରଣୀ
ଜୀଇଁବାର ଅଛି ଜୀବନ ତମାମ
ଧରି ଜୀବନ ତରଣୀ ।

ମାଟିର ମଣିଷ ମାଟି ମାଆ ସେବା
ପ୍ରାରମ୍ଭ ଥିଲା ଜୀବନେ
ଜନତାର ହିତେ ଜୀବନ ଉତ୍ସର୍ଗୀ
ଉଡ଼ିବା ଶିଖିଛି ନଭେ ।

ସ୍ନେହ ଶ୍ରଦ୍ଧା ପ୍ରୀତି ବାଣ୍ଟି ଚାଲି ଥିଲେ
ଅକୁଣ୍ଠିତ ହୃଦୟରେ
ଜନ୍ମମାଟି ପାଇଁ କାର୍ଯ୍ୟ କରିଥିଲେ
ରାଜନୀତି ପରିବାରେ ।

ଆଦିବାସୀ କନ୍ୟା ନାରୀନେତ୍ରୀ ସେହି
ମାନନୀୟା ରାଷ୍ଟ୍ରପତି
ସେ ଆମ ଆଦର୍ଶ ପ୍ରଣାମ ଘେନନ୍ତୁ
ଉତ୍କଳ କନ୍ୟା ଦ୍ରୌପଦୀ ।

ଗର୍ବ ଓ ଗୌରବ ଓଡ଼ିଶା ମାଟିର
ସ୍ୱାଧୀନ ଭାରତ ମା'ର
ଦ୍ୱିତୀୟ ମହିଳା ରାଷ୍ଟ୍ରପତି ଭାବେ
ନିର୍ବାଚିତ ଭାରତର ।

ବନ୍ଦେ ମୋ' ଉତ୍କଳ ବନ୍ଦେ ମୋ' ଭାରତ
ବନ୍ଦେ ଉତ୍କଳସ୍ୟ ଗ୍ରାମମ୍
ବନ୍ଦେ ଜନ୍ମଭୂମି ବନ୍ଦେ କର୍ମ ଭୂମି
ବନ୍ଦେ ବନ୍ଦେ ବନ୍ଦେ ମାତରଂ ।

**ଶିକ୍ଷୟିତ୍ରୀ, କଳାହାଣ୍ଡି**
**(ପଣସୁଧା, ବାଲିଚନ୍ଦ୍ରପୁର, ଯାଜପୁର)**

# ଲୌହ ପୁରୁଷଙ୍କ ଜୟନ୍ତୀ



ରୋଜାଲିନ ପଟ୍ଟନାୟକ

ଅକ୍ଟୋବର ୩୧ ରାଷ୍ଟ୍ରୀୟ ଏକତା ଦିବସରେ
ହେଉଛି ଯେ ନାନା ପ୍ରକାର ସଭା,
ସର୍ଦ୍ଦାର ବଲ୍ଲଭଭାଇଙ୍କ ସ୍ମୃତିରେ
କେତେ ଯେ ଭାଷଣ କି ମନଲୋଭା ।୧।

ନିମନ୍ତ୍ରଣ ତାଙ୍କୁ କରି କେହି କେହି
କହନ୍ତି ସର୍ଦ୍ଦାରଜୀ କର ହେ ପଦାର୍ପଣ,
ଶାସନ ଏଠି ଏବେ ଯାହା କି ଚାଲଇ
ତୁମ ଯୋଗଦାନେ ହେବଟି ଦମନ ।୨।

ହେଲେ, ଆହେ ଆମ ଅଗ୍ରଗଣ୍ୟ ନେତା ଗଣ!
ଭୁଲିଲ କି ତୁମେ ସତେ ତାଙ୍କରି ଗୁଣ?
ଲୁହା ପରି ଶକ୍ତ ସେତ ତୁମେ କି ନ ଜାଣ?
ଲୌହ ପୁରଷ ରୂପେ ସେ ତ ଅଗ୍ରଗଣ୍ୟ ।୩।

ଯେତେ ଯେ ଦିବସ ଏଠି କରୁଅଛ ପାଳନ,
ସେ ମଧ୍ୟେ ରାଷ୍ଟ୍ରୀୟ ଏକତା ଦିବସଟି ସାର,
ଲୌହ ପୁରଷଙ୍କୁ ଯେ କରୁଅଛ ନିମନ୍ତ୍ରଣ,
ସହି କି ପାରିବ ତୁମେ ତାଙ୍କ ପଦ ଭାର? ।୪।

ଜୟନ୍ତୀ ତାଙ୍କର ପାଳନ କରୁ କରୁ ଭାଇ,
ସତରେ ଯଦି ସେ ହେବେ ଏଠି ଆବିର୍ଭାବ
ଭୟ ପାଇ ଯିବେ ସବୁ ଯୋଡ ହସ୍ତ ହୋଇ,
କହିବେ "ସର୍ଦ୍ଦାର କେବେ ନ ଆସ ଏଠାବ" ।୫।

ଲୌହ ମୂର୍ତ୍ତିଟି ତୁମର ସବୁଠୁ ସୁନ୍ଦର,
ହେ ମହାପୁରୁଷ ଥାଅ ତୁମେ ସେହିଠାରେ,
ଦେଖୁଥିବୁ ଏହିଠାରୁ ତୁମ ସୌନ୍ଦର୍ଯ୍ୟ ଅପାର,
ଏ ଖଣ୍ଡ ବିଖଣ୍ଡିତ ଆମ ଭାରତ ଭୂମିରେ ।୬।

ଶିକ୍ଷୟିତ୍ରୀ
ଆର୍ଯ୍ୟବର୍ତ୍ତ ଆନସିଏଣ୍ଟ ଏକାଡେମୀ, ଖୋର୍ଦ୍ଧା

# ମହା କାର୍ତ୍ତିକ



## ସୂର୍ଯ୍ୟକାନ୍ତି ଦାଶ

ମାସ କାର୍ତ୍ତିକ
ନାହିଁ ଶୀତ ଅଧିକ
ପାହାନ୍ତି ସ୍ନାନ
ଧର୍ମ କର୍ମରେ ମନ
ଦେବ ଦର୍ଶନ
ବୃନ୍ଦାବତୀ ପୂଜନ
ହେବେ ପ୍ରସନ୍ନ
ସଭିଏଁ ଏକମନ
କାର୍ତ୍ତିକ ବ୍ରତ
କରନ୍ତି ବିଧିମତ
ମାସ ମହାନ
କର ଦରିଦ୍ରେ ଦାନ
ପୁଣ୍ୟ ଅର୍ଜନ
ଖାଇ ହବିଷ ଅନ୍ନ
ଆମିଷ ତ୍ୟାଗ
ଦେହ ହେବ ନିରୋଗ
ଆକାଶ ଦୀପ
ହାଣ୍ଡିରେ ଦପଦପ
ଦିଏ ଆଲୋକ
ସନ୍ତୁଷ୍ଟ ପିତୃଲୋକ
ଦୀପାବଳିରେ
ଦୀପ ବାଣ ଶବ୍ଦରେ
କାଉଁରିଆରେ
ବଡ଼ ବଡୁଆ ଡରେ
ପୂର୍ଣ୍ଣମୀ ଭୋର
ସ୍ନାନ ସାରି ସତ୍ୱର
ପଟୁକା ଡ଼ଙ୍ଗା
ପାନ ଗୁଆ ସଳିତା
ଆ କା ମା ବଇ
ଗଙ୍ଗା ମାତାଙ୍କୁ ଦେଇ
ଦିନେ ମରିବ
ସଙ୍ଗେ କିଛି ନଥିବ
କେବଳ ଧର୍ମ ଯିବ ।

ଓଗାଳପଡ଼ା, ଜଟଣୀ, ଖୋର୍ଦ୍ଧା

# ପକ୍ଷୀଠାରୁ କିଛି ଶିଖ



## ସନ୍ତୋଷ କୁମାର ପଣ୍ଡା

ପକ୍ଷୀଠାରୁ ଶିଖ ସଭିଏଁ
ରାତ୍ରେ ଶୀଘ୍ର ଶୟନ,
ପ୍ରଭାତୁ ଉଠିଣ ଶଯ୍ୟାରୁ
କର ସ୍ଵକର୍ମମାନ।
କଲେ ତାହାପରି ଶ୍ରମ ତ
ରୋଗ ପାଖେ ମାଡେନି,
ଯକୃତ, ହୃଦୟ, ବୃକକ
ସୁସ୍ଥ ରହନ୍ତି ତିନି।
ଖାଦ୍ୟ ବଦଳ ସେ କରେନି
ରାତ୍ରେ ଖାଏ ସେ ନାହିଁ,
ରୋଗରେ ପଡିଲେ କେବେ ତ
ଖାଦ୍ୟ ଛୁଅଁଇ ନାହିଁ।
ଆମ ପାଇଁ ଖାଦ୍ୟ ଜରୁରୀ
ସର୍ବେ ଜାଣୁ ଏ କଥା,
କିନ୍ତୁ ଦେଖି ଦେହ ଅବସ୍ଥା
ନେବ ଖାଦ୍ୟର ମାତ୍ରା।

ସନ୍ତାନେ ଦିଅଇ ମମତା
ସେତ ପୂର୍ଣ୍ଣ ରୂପରେ,
ଶିଖାଏ ତାହାଙ୍କୁ ସର୍ବଦା
ରୁହ ଆତ୍ମନିର୍ଭରେ।
ପ୍ରକୃତିରୁ କରେ ସଂଗ୍ରହ
ଯେତିକି ଦରକାର,
ନିଜ ବାସସ୍ଥାନ ସଜାଡେ
କରି ଅତି ସୁନ୍ଦର।
ପଞ୍ଚକୋଷେ ଗଢ଼ା ଶରୀର
ପଞ୍ଚ ଭୂତ ଆଧାର,
ଲୀନ ହୋଇଯିବ ଶେଷରେ
ପଞ୍ଚ ଭୂତେ ଶରୀର।
ପ୍ରକୃତିକୁ ନେଇ ବଞ୍ଚିବା
ପ୍ରତି ପ୍ରାଣୀର ଧର୍ମ,
ଶୋଷଣ ନ କରି ତାହାକୁ
କର ଦୋହନ କର୍ମ।

ପ୍ରଧାନଆଚାର୍ଯ୍ୟ,
ସରସ୍ଵତୀ ବିଦ୍ୟା ମନ୍ଦିର, କେଶବଧାମ,
ଗଡିରାଉତ ପାଟଣା, କଟକ

# ସମ୍ପର୍କ ଓ ପରିବାର



**ବାସନ୍ତୀ ଦେଈ**

ବୈକୁଣ୍ଠ ସମାନ ଆହା ଅଟେ ସେହି ଘର
ପରସ୍ପର ସ୍ନେହ ଯହିଁ ଥାଏ ନିରନ୍ତର।
ମହାନ ଏ ପରମ୍ପରା ଅଟେ ଉତ୍କଳର
ଜ୍ୟେଷ୍ଠ ଓ ଶ୍ରେଷ୍ଠଙ୍କୁ ଥାଏ ସମ୍ମାନ ଆଦର ।୧।

ଭୋଗ ଆଉ ତ୍ୟାଗ ଦ୍ୱୟ ଅଟେ ବିପରୀତ
ବୁଝି କି ପାରିବ ଭୋଗୀ ତ୍ୟାଗର ମହତ୍ତ୍ୱ ?
ପରିବାର ବନ୍ଧନରେ ସହଭାଗୀ ହୁଏ
ବହୁ କଷ୍ଟ ସହି ଯିଏ ବଳିଦାନ ଦିଏ ।୨।

ଯୁଗେ ଯୁଗେ ତ୍ୟାଗ ଆଉ ବଳିଦାନ ପାଇଁ
ମଥାନତ କରେ ଆମ ଏ ଉତ୍କଳ ଭୂଇଁ।
ଏବେ କିନ୍ତୁ ବଦଳିଛି ପରିବାର ସଂଜ୍ଞା
କନିଷ୍ଠ ସଦା କରୁଛି ଜ୍ୟେଷ୍ଠଙ୍କୁ ଅବଜ୍ଞା ।୩।

ସ୍ନେହ ସମ୍ମାନରେ ନାହିଁ ପରିବାର ଆଉ
ସ୍ୱାର୍ଥ ଅହଙ୍କାରେ ଭର୍ତ୍ତି ଯନ୍ତ୍ରଣାର ଦାଉ।
ସ୍ୱରୂପ ବଦଳିଯାଏ ମହାନ ସମ୍ପର୍କର
ଲୋଭ ଲାଳସାରେ ବଶ ଅଟେ ମୁଢ ନର ।୪।

ଯେତେ ପାଇଲେ ବି କହେ କିଛି ମୁଁ ପାଇନି
ଏ ସମାଜ ତାକୁ କିଛି ଦେଇ ହିଁ ଜାଣିନି।
ଥରେ ଭାବି ଦେଖ ତୁମେ କ'ଣ କରିଛ
କାହାଠାରୁ ସମାଜରେ କିଛି ତ ପାଇଛ ।୫।

ସମ୍ପର୍କ କେବଳ କ'ଣ ସ୍ୱାର୍ଥରେ ହିଁ ଗଢା
ସ୍ୱାର୍ଥ ସରିଲେ ସମ୍ପର୍କ ହୁଅଇ ଅଲୋଡା।
କାନ ଖୋଲି ଶୁଣ ସର୍ବେ ମୋର ନିବେଦନ
ବେଳ ଥାଉ ବନ୍ଧ ବାନ୍ଧ ମୋର ପ୍ରିୟଜନ ।୬।

ପର ଉପକାର ଋଣ କେ ସୁଝି ପାରିବ ?
କୃତଜ୍ଞତା ବୋଧ ଭାବ ଯଦି ନ ଆସିବ!
ପବିତ୍ରତା ନଷ୍ଟ ହୁଏ ମାନବିକତାର
କୃତଘ୍ନ ହୋଇଲେ ଜାଣ ଜୀବନ ଅସାର ।୭।

ଅଢ଼େଇ ଦିନର ଖେଳଘର ଏ ଦୁନିଆ
ଏତେ ଗର୍ବ ଅହଙ୍କାର କର ତେବେ କିଆଁ?
କେତେ ତପୀ ସାଧୁ ମହାମାନବ ମହାତ୍ମା
ଉପଦେଶ ଛଳେ ଦେଇଛନ୍ତି ଦିବ୍ୟ ବାର୍ତ୍ତା ।୮।

ଗୀତା ଭାଗବତ ପଢି ମନନ କରିବ
ସାମାଜିକ ଚଳଣିକୁ ବୁଝି ତ ପାରିବ।
କେତେ ସମୃଦ୍ଧ ଆମ ଉତ୍କଳ ପରମ୍ପରା
ଆମେ ତାହାର ଦାୟାଦ ରକ୍ଷାକର୍ତ୍ତା ପରା ।୯।

ପିତାମାତା ଗୁରୁଜନ କଥା ହିଁ ମାନିବା
ସର୍ବଦା ଜ୍ୟେଷ୍ଠ ଓ ଶ୍ରେଷ୍ଠ ସମ୍ମାନ ହିଁ ଦେବା।
ଜ୍ୟେଷ୍ଠ ଶ୍ରେଷ୍ଠର ସମ୍ମାନ କଲେ ପରିବାର
ସମ୍ପର୍କ ଅତୁଟ ହେବ ନିଶ୍ଚେ କାଳକାଳ ।୧୦।

**ମହାବୀର କଲୋନୀ, ନବିନାବାଗ, ଖୋର୍ଦ୍ଧା**

# ଆହେ ଚକ୍ରଧାରୀ.....

ତ୍ରିଲୋଚନ ଦାସ



ପ୍ରତ୍ୟୁଷର ଅରୁଣିମା ଧରି
କଳୁଷ କାଳିମା ଦିଅ ହରି
ପ୍ରକୃତିର ନୂତନ ଛବିରେ
ଆସୁଥାଅ ଅବତରି
ଆହେ...... ଚକ୍ରଧାରୀ......।୦।

କଅଁଳ ଶିଶୁର ଦରୋଟି ହସରେ
ତୁମ ଅନୁଭବ ପକ୍ଷୀ କାକଳିରେ
କୁସୁମ ସୁଗନ୍ଧେ ସୁଗନ୍ଧିତ ଧରା
ତୁମ ପାଇଁ ବହେ ମନ୍ଦାକିନୀ ଧାରା
ସବୁଥିରେ ପରଶ ତୁମରି
ଆସୁଥାଅ ଅବତରି
ଆହେ...... ଚକ୍ରଧାରୀ......।୧।

ନୀଳ ସାଗରର ଉତ୍ତାଳ ଢେଉରେ
ତୁମେ ଛୁଇଁଯାଅ ମନ୍ଦ ମଳୟରେ
ହସର ଲୁହର ତୁମେ ହିଁ କାରଣ
ତୁମରି କରୁଣା ଏ ସୂକ୍ଷ୍ମ ଜୀବନ
ପ୍ରଭୁ ତୁମେ ତ ସବୁରି
ଆସୁଥାଅ ଅବତରି
ଆହେ...... ଚକ୍ରଧାରୀ......।୨।

ଶ୍ରୀବିହାର, ଖୋର୍ଦ୍ଧା

# ଆମ କବିତା

Volume : I ◆ Issue : 11 ◆ November 2022



ଡ. ପ୍ରମୋଦ ଚନ୍ଦ୍ର ଦାଶ
ମାର୍ଗଦର୍ଶକ



ବିଭୂପ୍ରସାଦ ହରିଚନ୍ଦନ
ଉପଦେଷ୍ଟା



ଡ. ରଶ୍ମୀରଞ୍ଜନ ନାଥ
ଉପଦେଷ୍ଟା



ନିଶିକାନ୍ତ କହଲସିଂହ
ଉପଦେଷ୍ଟା



ସମରଜିତ୍ ପଟ୍ଟନାୟକ
ସମ୍ପାଦକ



ବାବାଜୀ ଜେନା
ସହଯୋଗୀ ସମ୍ପାଦକ



ତ୍ରିଲୋଚନ ଦାସ
ସହଯୋଗୀ ସମ୍ପାଦକ



ଶ୍ରୀମତୀ ରଶ୍ମିତା ନାୟକ
ସହଯୋଗୀ ସମ୍ପାଦକ



ଶ୍ରୀମତୀ ବାସନ୍ତୀ ଦେଈ
ସହଯୋଗୀ ସମ୍ପାଦକ

AMARISATYA ଆମରିସତ୍ୟ Estd.: 2006 ODISHA

M-1/5, M.P.Housing Board Colony
Post: P.N.College, Dist: Khordha, State: Odisha, Pin: 752057
+91-9437281655, Email : amarisatya@gmail.com